ବର୍ଷ-୨୬, ସଂଖ୍ୟା-୪୭
ଭୁବନେଶ୍ୱର
୧୭, ଫେବୃଆରୀ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 47
Bhubaneswar
17 February, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ବିବାହ ପାଇଁ ରଶ୍ମିକାଙ୍କ ପ୍ରସ୍ତୁତି

## ଜେଇଇ ମେନ୍: ଭବେଶ ଓଡିଶା ଟପ୍ପର

ଭୁବନେଶ୍ୱର,୧୬।୨(ମହାଭାରତ): ଜେଇଇ ମେନ୍ ୨୦୨୬ ସେସନ-୧ ରେଜଲ୍ଟ ପ୍ରକାଶ ପାଇଛି । ଗତ ଜାନୁଆରୀ ୨୧,୨୨, ୨୩,୨୪ ଓ ୨୮ରେ ହୋଇଥିବା ଜେଇଇ ମେନ୍ ର ରେଜଲ୍ଟ ପ୍ରକାଶ ପାଇଛି । ୧୩ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଜେଇଇ ମେନ୍ ସେସନ୍-୧ ଦେଇଥିଲେ । ୧୨ଜଣ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥିରେ ଭବେଶ ପାତ୍ର ଓଡିଶା ଟପ୍ପର ହୋଇଛନ୍ତି ।

ଜେଇଇ ମେନ୍ସ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଜେଇଇ ମେନ୍ସ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହି ଫଳାଫଳ ଆପଣମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠାର ପ୍ରତିଫଳନ। ପରୀକ୍ଷା ଫଳ କେବଳ ଏକ ସୋପାନ, ଜୀବନର ପ୍ରତିଟି କ୍ଷେତ୍ରରେ ସଫଳ ହେବା ପାଇଁ ଆତ୍ମବିଶ୍ୱାସ ହିଁ ସବୁଠାରୁ ବଡ଼ ସମ୍ବଳ। ତେଣୁ ପରୀକ୍ଷା ଫଳ ନିର୍ବିଶେଷରେ ସମସ୍ତେ ଆତ୍ମବିଶ୍ୱାସ ଏବଂ ଦୃଢ଼ ମନୋବଳ ସହ ଆଗକୁ ବଢ଼ନ୍ତୁ । ଆଗାମୀ ଦିନରେ ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ଛାତ୍ରଛାତ୍ରୀଙ୍କ ବିପୁଳ ସଫଳତା ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ଆଜିଠୁ ବିଧାନସଭା ବଜେଟ୍ ଅଧିବେଶନ

ଭୁବନେଶ୍ୱର,୧୬।୨(ମହାଭାରତ): ଆସନ୍ତାକାଲିଠୁ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହେବ। ୨୯ ଦିନ ଧରି ଚାଲିବ ଏହି ବଜେଟ୍ ସେସନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୦ ତାରିଖରେ ଗୃହରେ ବଜେଟ୍ ଉପସ୍ଥାପନ କରିବେ। ସେପଟେ ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସଂଗ ଧରି ପ୍ରସ୍ତୁତ ହୋଇରହିଛନ୍ତି । ଏଥର ବଜେଟ୍ ଅଧିବେଶନରେ ବହିବ ଧାନ ମଣ୍ଡି ଝଡ। ଗୃହରେ ଉଛୁଳିବ ମହାନଦୀ ଜଳ । ମୋଟରଯାନ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) କଟକଣାରୁ ନେଇ ଆଇନଶୃଙ୍ଖଳା ଓ ଏସଆଇଆର୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଂଗରେ ସରକାରଙ୍କୁ ହରଡ଼ ଘଣାରେ ପକାଇବାକୁ ପ୍ରୟାସ କରିବେ ବିରୋଧୀ ବିଜେଡି ଓ କଂଗ୍ରେସ । ଗୋଟି ଗୋଟି କରି ଜବାବ ମାଗି ଘେରିବେ । ସେପଟେ ବିରୋଧୀଙ୍କୁ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତ କରୁଛି ଶାସକ ବିଜେପି। ଆଜି ଶାସକ ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ବସି ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗ ଉଠାଇବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ବିରୋଧୀ ଦଳ ଉଠାଇବାକୁ ସମସ୍ତ ପ୍ରସଙ୍ଗର ସଠିକ୍ ଜବାବ ଦେବାକୁ ରଣନୀତି ପ୍ରସ୍ତୁତ ହୋଇଛି।

ଏହା ପୂର୍ବରୁ ଆଜି ଶେଷ ହୋଇଛି ସର୍ବଦଳୀୟ ବୈଠକ । ବିଧାନସଭା ପରିସରରେ ବାଚ୍ଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ଶେଷ ହୋଇଛି । ଗୃହ ପରିଚ୍ଳାଳନା ପାଇଁ ସବୁ ଦଳର ସହଯୋଗ ଲୋଡିଛନ୍ତି ବାଚ୍ଚସ୍ପତି । ଉଭୟ ଶାସକ ଓ ବିରୋଧୀ ଦଳ ବିଧାୟକଙ୍କ ସହଯୋଗ ଲୋଡ଼ିଛନ୍ତି ବାଚ୍ଚସ୍ପତି ସୁରମା ପାଢ଼ୀ। ଏହି ମିଟିଂରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ସେହିପରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ସାମିଲ ହୋଇଥିଲେ ।



ଗୃହ କିପରି ଶାନ୍ତି ଶୃଙ୍ଖଳାରେ ଚାଲିବ ଏହା ଉପରେ ଆଲୋଚନା କରିଛନ୍ତି ବିଧାନସଭା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ପ୍ରଥମ ଦିନରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବିଧାନସଭା ବଜେଟ୍ ଅଧିବେଶନ । ୨୦ ତାରିଖରେ ୨୦୨୬-୨୭ ବଜେଟ୍ ଆଗତ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ କହିଛନ୍ତି, ଆମେ ମୁଖ୍ୟତଃ ଚାଷୀ ପ୍ରସଙ୍ଗ ଉଠାଇବୁ । କଟନୀ ଛଟନୀ ବନ୍ଦ ହେଉ ନାହିଁ । ଏହାକୁ ଆମେ ବିଧାନସଭାରେ ପ୍ରଥମେ ଉଠାଇବୁ । ସେହିଭଳି କଂଗ୍ରେସ ବିଧାୟକ ଦଳ ନେତା କହିଛନ୍ତି, ବାଚ୍ଚସ୍ପତି ବିରୋଧୀଙ୍କୁ ସମୟ ଦେବା ପାଇଁ ଆମେ ଅନୁରୋଧ କରିଛୁ । କୋଟିଆ, ଚାଷୀ, ନାରୀ ସୁରକ୍ଷା କଥା ଆମେ ଉଠାଇବୁ । ଏସଏସଟି, ଓବିସି କଥା ମଧ ଉଠାଇବୁ । ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବଜେଟ୍ ଅଧିବେଶନ । ଏଥର ଅଧିବେଶନରେ ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡଙ୍କ ଆସନ ବଦଳିବ। ବିଜେଡି ବିଧାୟକଙ୍କ ଗହଣରେ ସେମାନେ ନ ବସି ଅନ୍ୟତ୍ର ବସିବେ। ଆସନ ବଦଳିବା ସହ ସେମାନଙ୍କ ଆଭିମୁଖ୍ୟ ବି ବଦଳିବ। ସନାତନ ଯଦିଓ ବିଧାନସଭାରେ ସେତେ ସକ୍ରିୟ ନଥିଲେ କିନ୍ତୁ ପ୍ରଥମ ଥର ବିଧାୟକ ଅରବିନ୍ଦ ଶାସକ ଦଳକୁ ନୟାନ୍ତ କରୁଥିଲେ। ଯେଉଁ ଆଭିମୁଖ୍ୟ ପାଇଁ ଅରବିନ୍ଦ ବିଜେଡିରୁ ନିଲମ୍ବିତ ହେଲେ ବୋଲି କୁହାଯାଉଛି ତାହାକୁ ସେ କାହା ବିରୋଧରେ ଏବେ ପ୍ରୟୋଗ କରିବେ ତାହା ଉପରେ ସମସ୍ତଙ୍କର ନଜର ରହିବ।

## ଘେରିବେ ବିଜେଡି, କଂଗ୍ରେସ

ଭୁବନେଶ୍ୱର,୧୬।୨(ମହାଭାରତ): ମଙ୍ଗଳବାର ଠାରୁ ବିଧାନସଭା ଆରମ୍ଭ ହେବ। ଏନେଇ ବିଧାନସଭାରେ ସରକାରଙ୍କୁ ଘେରିବା ଲାଗି ବିରୋଧୀ ସଜବାଜ ଆରମ୍ଭ କରିଦେଇଛନ୍ତି। ବିଧାନସଭା ପ୍ରସଙ୍ଗକୁ ନେଇ ଶଙ୍ଖଭବନ ଠାରେ ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଅଧକ୍ଷତା କରିଥିଲେ। ବୈଠକରେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ନେଇ ରଣକୌଶଳ କରାଯାଇଥିବା ସୂଚନା ମିଳିଛି।

ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ସରକାରଙ୍କ ଭୁଲ୍ ନିଷ୍ପତି ଯୋଗୁଁ ଚାଷୀକୂଳ ହନ୍ତସନ୍ତ ହୋଇଗଲେଣି। ଚାଷୀ ଯେଉଁ ଶସ୍ୟ ଉତ୍ପାଦିତ କରୁଛି ତାହା ବିକ୍ରି ହୋଇପାରୁନି। ଆଜି ବି ହଜାର ହଜାର ଚାଷୀଙ୍କର ପଞ୍ଜିକରଣ ହୋଇପାରିନି।ଯେଉଁ ମାନଙ୍କର ପଞ୍ଜିକରଣ ହୋଇଛି ତାଙ୍କୁ ବି ଟୋକନ ମିଳିପାରିନି। ଚାଷୀ ଠିକ ଭାବରେ ଧାନ ବିକ୍ରି କରିପାରୁନି। କଟନିଛଟନି ବ୍ୟାପକ ଭାବରେ ହେଉଛି ତେଣୁ ଏ ସରକାର ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଚାଷୀଙ୍କୁ ଏ ସରକାର ଶୋଷଣ କରୁଛି। ତାହା ସହ ନାରୀମାନଙ୍କ ପ୍ରତି ହୋଇଥିବା ଅତ୍ୟାଚାର ସେ ପ୍ରସଙ୍ଗ ବିଧାନସଭା ଉଠେଇବୁ । ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ମହାନଦୀ ଓଡିଶାର ଏକ ଜଳନ୍ତା ସମସ୍ୟା ହୋଇପଡିରହିଛି, ସରକାର ସମ୍ପୂର୍ଣ୍ଣ ଭାବରେ ସମାଧାନ କରିବାରେ ବିଫଳ ହୋଇପଡିଛନ୍ତି। ଏଭଳି ଅନେକ ପ୍ରସଙ୍ଗରେ ସରକାରଙ୍କୁ ଘେରିବା ନେଇ ପ୍ରସନ୍ନ କହିଛନ୍ତି।

ବିଧାନସଭାର ବଜେଟ୍ ଅଧିବେଶନ ପାଇଁ ଆଜିର ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରିଛି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି। ମାଳ ମାଳ ପ୍ରସଙ୍ଗ ନେଇ କିଭଳି ସରକାରଙ୍କୁ ନାକେଦମ କରିବ ସେଲାଗି ରୋଡ଼ ମ୍ୟାପ ପ୍ରସ୍ତୁତ କରିସାରିଛି। ରାଜ୍ୟରେ ୨୦ ମାସର ସରକାର ହେଲାଣି। ନିର୍ବାଚନ ବେଳେ କୌଣସି କଟନୀ ଛଟନୀ କରିବେନି ବୋଲି ସରକାର କହିଥିଲେ ହେଲେ ଚାଷୀଙ୍କୁ ଲୁଟିବାରେ ଲାଗିଛି ବିଜେପି ସରକାର। ଏପରିକି ଧାନ ମଣ୍ଡିରେ ଅଭାବି ବିକ୍ରି ଭଳି ସ୍ଥିତି ମଧ ଦେଖିବାକୁ ମିଳୁଛି । ଏହାକୁ ବିଧାନସଭାରେ ପ୍ରଥମ ପ୍ରସଙ୍ଗ କରିବ କଂଗ୍ରେସ ।ରାଜ୍ୟରେ ନାରୀ ନିର୍ଯାତନା ବଢୁଛି। ରାଜ୍ୟରେ ଅସୁରକ୍ଷିତ ମହିଳା । ବିଧାନସଭାରେ ଏହାକୁ ଦ୍ୱିତୀୟ ପ୍ରସଙ୍ଗ କରିବ କଂଗ୍ରେସ ।

# ରତ୍ନଭଣ୍ଡାର ଗଣତିମଣତି ପାଇଁ ପ୍ରସ୍ତୁତି



ଭୁବନେଶ୍ୱର,୧୬।୨(ମହାଭାରତ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଖୁବ୍ ଶୀଘ୍ର ଗଣତି-ମଣତି ଆରମ୍ଭ ହେବ। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହା ଜଣା ଯାଇଛି ।ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ।

ଗଣତି-ମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତି ମଧ୍ୟରେ ସରିଛି । ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି। ବର୍ତ୍ତମାନ ଗଣତି-ମଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଗଣତି-ମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଝଙ୍ଗଟ ଶ୍ରୀମନ୍ଦିର ବୈଠକରେ ଚଳିତ ବର୍ଷର ରଥଯାତ୍ରାର ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାସି କାଠ ଓ ଚନ୍ଦନ କାଠର ବ୍ୟାପକ ଆବଶ୍ୟକତା ରହୁଥିବାରୁ ଏଥିପାଇଁ ବନପ୍ରକଳ୍ପ ଜରିଆରେ ଏହି ଗଛ ଗୁଡିକ ଲଗାଇବା

- ଗଣତିମଣତିର ଏସଓପି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ବିସ୍ତୃତ ଆଲୋଚନା
- ୧୯୭୮ର ତାଲିକା ସହିତ ମେଳକ କରାଯିବ
- ସମ୍ପୂର୍ଣ୍ଣ ଅଳଙ୍କାରାଦିର ଫଟୋଗ୍ରାଫ ସହିତ ଡିଜିଟାଲ୍ କାଟାଲଗ୍

ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ। କଡା ସୁରକ୍ଷା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ। ଶେଷ ଗଣତି-ମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା। ତେଣୁ ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳକ କରାଯାଇ ଚୂଡାନ୍ତ ତାଲିକା ପ୍ରସ୍ତୁତ କରାଯିବ। ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହିତ ଡିଜିଟାଲ୍ କାଟାଲଗ୍ ପ୍ରସ୍ତୁତ କରାଯିବ ବୋଲି ବୈଠକରୁ ଜଣାଯାଇଛି। ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ସୁନ୍ଦରପଦା ବିସ୍ଫୋରଣ ଘଟଣାରେ ଏନ୍ଆଇଏ ତଦନ୍ତ ଜୋରଦାର

ଭୁବନେଶ୍ୱର,୧୬।୨(ମହାଭାରତ): ନିକଟରେ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳରେ ଘଟିଥିବା ଭୟଙ୍କର ବିସ୍ଫୋରଣରେ ତଦନ୍ତକୁ ତୀବ୍ର କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)। ଘଟଣାର ଏକ ଭୟଙ୍କର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିବା ପରେ ଏନଆଇଏ ତଦନ୍ତକୁ ତ୍ୱରାନ୍ୱିତ କରିଥିବା ଜଣାପଡ଼ିଛି। ଫୁଟେଜରେ ଦେଖିବାକୁ ମିଳୁଛି ଯେ ବିସ୍ଫୋରଣ କେତେ ଭୟାନକ ଥିଲା। ଯେଉଁଥିରେ ଅତି କମରେ ଚାରି ଜଣ ଗୁରୁତର ଆହତ ହୋଇଥିଲେ।

ପୋଲିସ ସୂତ୍ର ଅନୁଯାୟୀ ଶାହନୱାଜ ବୋମା ଭିଡୁ ଥିବାବେଳେ ଏହା ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ତାଙ୍କ ଭାବି ପତ୍ନୀ ଏବଂ ସହଯୋଗୀ ଅମିଆଙ୍କ ସମେତ ଚାରି ଜଣ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ଚିକିତ୍ସାଧିନ ଅବସ୍ଥାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ଏହା ପଛରେ ବଡ଼ ଷଡ଼ଯନ୍ତ୍ର ଥିବା ସନ୍ଦେହ କରି ତଦନ୍ତ କରୁଛି ଘଓଇ। ସେପଟେ ମୃତ ସେହନେବାଜ ମଲ୍ଲିକ୍ ର ଆକାଉଣ୍ଟ ଷ୍ଟେଟମେଣ୍ଟ ଉପରେ ଯାଞ୍ଚ ହେଉଛି । ଆର୍ଥିକ କାରବାର ନେଇ ଚାଲିଛି ଖୋଳତାଡ । ବ୍ୟବହୃତ ବିସ୍ଫୋରକର କିଛି ନମୁନା ନେଇ ତଦନ୍ତ କରୁଛି ଟିମ। ଅପରପକ୍ଷରେ ଏହି ଶକ୍ତିଶାଳୀ ବିସ୍ଫୋରଣ ଶବ୍ଦ ଶୁଣି ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଏପରିକି ଜୋରଦାର ଶବ୍ଦ ଶୁଣିବା ପରେ ସ୍ଥାନୀୟ ବାସିନ୍ଦାମାନେ ଘରୁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ।

## ମାର୍ଚ୍ଚ ୮ରେ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୧୬।୨(ମହାଭାରତ): ମହିଳାଙ୍କ ପାଇଁ ଖୁସି ଖବର। ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା ଟଙ୍କା। ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଏହି ଟଙ୍କା। ଆନ୍ତର୍ଜାତିକ ମହିଳା ଦିବସରେ ମହିଳା ପାଇବେ ୫ ହଜାର ଟଙ୍କା। ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରାର ୪ର୍ଥ କିସ୍ତି। ୧ କୋଟିରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ଯିବ ମୋଟ ୫ ହଜାର କୋଟି ଟଙ୍କା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ନେଇ ସୂଚନା ଦେଇଛନ୍ତି ।ଏହା ପୂର୍ବରୁ ସୁଭଦ୍ରା ଯୋଜନାରେ ହିତାଧିକାରୀମାନେ ୩ଟି କିସ୍ତିରେ ମୋଟ ୧୫ ହଜାର ଟଙ୍କା ସହାୟତା ରାଶି ପାଇଛନ୍ତି। ସୁଭଦ୍ରା ଯୋଜନାରେ ପ୍ରତିବର୍ଷ ହିତାଧିକାରୀଙ୍କୁ ୨ଟି ପର୍ଯ୍ୟାୟରେ ୫ ହଜାର ଟଙ୍କା ଲେଖାଏଁ ମୋଟ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି।

## ବିଶ୍ୱବ୍ୟାପୀ 'ଏକ୍ସ' ଡାଉନ

ନୂଆଦିଲ୍ଲୀ,୧୬।୨(ମହାଭାରତ): ଲୋକପ୍ରିୟ ସୋସିଆଲ ମିଡିଆ 'ଏକ୍ସ' ସୋମବାର ଡାଉନ୍ ରହିଥିଲା। ଭାରତଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ବିଶ୍ୱର ବିଭିନ୍ନ ଦେଶରେ ଏହାର ଆପ୍ ଓ ୱେବସାଇଟ୍‌କୁ ବ୍ୟବହାର କରିବା ସମ୍ଭବ ହୋଇନଥିଲା। ରିଫ୍ରେସ୍ କଲେ ମଧ ଫିଡ୍ ଲୋଡ୍ ହେଉନଥିଲା। ଲୋକମାନେ କେଣସି ପୋଷ୍ଟ କରିପାରୁନଥିଲେ। ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କଙ୍କ ଦ୍ୱାରା ପରିଚାଳିତ ଏହି କମ୍ପାନିରେ ଦେଖାଦେଇଥିବା ବିଭ୍ରାଟ ସମ୍ପର୍କରେ ଲୋକମାନେ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ସୂଚନା ଦେଇଥିଲେ। ଭାରତରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଆରମ୍ଭ ହୋଇଥିବାରୁ 'ଏକ୍ସ'ରେ ଏଭଳି ବିଭ୍ରାଟ ଅନେକଙ୍କୁ ଚିନ୍ତାରେ ପକାଇ ଦେଇଛି। ସେମାନେ ସମ୍ମିଳନୀ ସମ୍ପର୍କିତ ଅପ୍‌ଡେଟ୍ ପୋଷ୍ଟ କରିପାରୁନଥିବାରୁ ବିରକ୍ତ ହୋଇଛନ୍ତି। 'ଏକ୍ସ'ରେ ଲଗ୍ ଇନ୍ କରିବା ମଧ ସମ୍ଭବ ହେଉନଥିବା କିଛି ବ୍ୟବହାରକାରୀ ଅଭିଯୋଗ କରିଛନ୍ତି। 'ଏକ୍ସ'ରେ ବିଭ୍ରାଟ କିଛି ନୂଆ କଥା ନୁହେଁ। ଗତମାସରେ ଏଥିରେ ଏକାଧିକ ଥର ବିଭ୍ରାଟ ଘଟିଥିଲା। ଗତ ଜାନୁଆରି ୧୩ ଓ ୧୬ ତାରିଖରେ ବଡ ଧରଣର ବିଭ୍ରାଟ ହୋଇଥିଲା। ଆଜିର ବିଭ୍ରାଟ ସମ୍ପର୍କରେ ଡାଉନଡିଟେକ୍ଟରରୁ ମିଳିଥିବା ତଥ୍ୟ ଅନୁଯାୟୀ ଆମେରିକାରେ ୪୦ହଜାରରୁ ଅଧିକ ଓ ଭାରତରେ ୩୦୦୦ରୁ ଅଧିକ ବ୍ୟବହାରକାରୀ 'ଏକ୍ସ' ବିଭ୍ରାଟ ଦ୍ୱାରା ପ୍ରଭାବିତ ହୋଇଥିଲେ।

# ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଆରମ୍ଭ

ନୂଆଦିଲ୍ଲୀ,୧୬।୨(ପିଆଇବି): ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହୋଇଛି। ପ୍ରଥମ ଥର ପାଇଁ ଗ୍ଲୋବାଲ ସାଉଥରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଉପରେ ଏତେ ବ୍ୟାପକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ସମ୍ମିଳନୀରେ ବିଭିନ୍ନ ରାଷ୍ଟ୍ର ଓ ସରକାରଙ୍କ ମୁଖ୍ୟ, ମନ୍ତ୍ରୀ, ବିଶ୍ୱ ପ୍ରଯୁକ୍ତି ନେତୃବର୍ଗ, ବିଶିଷ୍ଟ ଗବେଷକ, ବହୁମୁଖୀ ପ୍ରତିଷ୍ଠାନ ଏବଂ ଶିଳ୍ପ ଅଂଶୀଦାରମାନେ ଭାଗ ନେଇଛନ୍ତି । ସମାବେଶୀ ବିକାଶକୁ ଆଗେଇ ନେବା, ସାର୍ବଜନୀନ ପ୍ରଣାଳୀକୁ ସୁଦୃଢ଼ କରିବା ଏବଂ ଦୀର୍ଘସ୍ଥାୟୀ ବିକାଶକୁ ସକ୍ଷମ କରିବା ଲାଗି ଏଆଇର ଭୂମିକାକୁ ନେଇ ସମ୍ମିଳନୀରେ ବିଚାରବିମର୍ଶ କରାଯାଉଛି।

୧୯ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନୀ ଅଭିଭାଷଣ ଦେବେ। ଏହି ଅବସରରେ ସେ ସମାବେଶୀ ଏବଂ ଉତ୍ତରଦାୟୀ ଏଆଇ ପାଇଁ ବିଶ୍ୱସ୍ତରୀୟ ସହଯୋଗ ଏବଂ ଭାରତର ଦୃଷ୍ଟିକୋଣ ଉପସ୍ଥାପନ କରିବେ। ଏହି ପାଞ୍ଚ ଦିନିଆ ସମ୍ମିଳନୀ ୧୬ରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୦୦ରୁ ଅଧିକ ସରକାରୀ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଏମାନଙ୍କ ମଧ୍ୟରେ ୨୦ ଜଣ ରାଷ୍ଟ୍ର ଓ ସରକାରୀ ମୁଖ୍ୟ, ୬୦ ମନ୍ତ୍ରୀ ଓ ଉପମନ୍ତ୍ରୀଙ୍କ ସହିତ ସିଇଓ, ପ୍ରତିଷ୍ଠାତା, ଶିକ୍ଷାବିତ, ଗବେଷକ, ସିଟିଓ ଏବଂ ଦାତବ୍ୟ ସଂଗଠନର ପ୍ରତିନିଧି ଆଦି ୫୦୦ରୁ ଅଧିକ ଏଆଇ ନେତୃବର୍ଗ ଭାଗ ନେଇଛନ୍ତି ।

ସମ୍ମିଳନୀର ଏକ ପ୍ରମୁଖ ଆକର୍ଷଣ, ତିନୋଟି ପ୍ରମୁଖ ବିଶ୍ୱ ପ୍ରଭାବ ଆହ୍ୱାନ - ସମସ୍ତଙ୍କ ପାଇଁ ଏଆଇ, ଏଆଇ ବାୟ ହର୍ ଏବଂ ଯୁବା ଏଆଇ - ଫାଇନାଲିଷ୍ଟଙ୍କ ଘୋଷଣା ଏବଂ ଏକ ଗ୍ରାଣ୍ଡ ଫିନାଲେ ପ୍ରଦର୍ଶନ ସହିତ ସମାପ୍ତ ହେବ। ସମାବେଶୀ, ଦାୟିତ୍ୱପୂର୍ଣ୍ଣ ଏବଂ ବିକାଶ-ମୁଖୀ ଏଆଇକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ଆହ୍ୱାନଗୁଡ଼ିକୁ ଜାତୀୟ ପ୍ରାଥମିକତା ଏବଂ ବିଶ୍ୱ ବିକାଶ ଉଦ୍ଦେଶ୍ୟ ସହିତ ସଂଯୁକ୍ତ ବ୍ୟାପକ, ଉଚ୍ଚ-ପ୍ରଭାବ ଏଆଇ ସମାଧାନଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆରମ୍ଭ କରାଯାଇଥିଲା। ଏହି ଆହ୍ୱାନଗୁଡ଼ିକରେ ୬୦ରୁ



ଅଧିକ ଦେଶରୁ ୪,୬୫୦ରୁ ଅଧିକ ଆବେଦନ ମିଳିଥିଲା, ଯାହା ଦୃଢ଼ ଅନ୍ତର୍ଜାତୀୟ ଅଂଶଗ୍ରହଣକୁ ପ୍ରତିଫଳିତ କରିଥାଏ। ଏହା ଦାୟିତ୍ୱପୂର୍ଣ୍ଣ ଏବଂ ବ୍ୟାପକ ଏଆଇ ନବସୃଜନ ପାଇଁ ଏକ ବିଶ୍ୱସ୍ତ ବିଶ୍ୱ କେନ୍ଦ୍ର ଭାବରେ ଭାରତର ଉଦୟକୁ ସୁଦୃଢ଼ କରିଥାଏ ।ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପପତିମାନଙ୍କ ଦ୍ୱାରା ଏକ ସମ୍ପୂର୍ଣ୍ଣ ବହୁସ୍ତରୀୟ ମୂଲ୍ୟାଙ୍କନ ପରେ, ତିନୋଟି ବର୍ଗର ଶ୍ରେଷ୍ଠ ୭୦ ଦଳକୁ ଫାଇନାଲିଷ୍ଟ ଭାବରେ ଚୟନ କରାଯାଇଛି। ସେମାନେ ଆଜି ଓ ଆସନ୍ତାକାଲି ନୂଆଦିଲ୍ଲୀର ଭାରତ ମଣ୍ଡପମ ଏବଂ ସୁଷମା ସ୍ୱରାଜ ଭବନରେ ଅନୁଷ୍ଠିତ ହେବାକୁ ଥିବା ଏକ ମହାନ ସମାପନ ଏବଂ ପୁରସ୍କାର ସମାରୋହରେ ସେମାନଙ୍କର ସମାଧାନ ଉପସ୍ଥାପନ କରିବେ। ଫାଇନାଲିଷ୍ଟମାନେ ନୀତି ନିର୍ଦ୍ଧାରକ, ଶିଳ୍ପପତି, ନିବେଶକ ଏବଂ ଶିକ୍ଷାବିତଙ୍କ ସଂସ୍ପର୍ଶରେ ଆସିବେ। ଜାତୀୟ ଏବଂ ବିଶ୍ୱ ସ୍ତରରେ ସେମାନଙ୍କର ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱୀକୃତି ଏବଂ ସମର୍ଥନ ପାଇବେ।

ଫେବୃଆରୀ ୧୮ ତାରିଖରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ହାଇଦ୍ରାବାଦର ସହଯୋଗରେ ଆୟୋଜିତ ଏଆଇ ଏବଂ ଏହାର ପ୍ରଭାବ ଉପରେ ଗବେଷଣା ସିମ୍‌ପୋଜିମ୍ ହେଉଛି ଶିଖର ସମ୍ମିଳନୀର ମୁଖ୍ୟ ଶୈକ୍ଷିକ ମଞ୍ଚ। ଏହି ସିମ୍‌ପୋସିୟମରେ ଅଂଶଗ୍ରହଣ ଲାଗି ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକାର ପ୍ରାୟ ୨୫୦ ଗବେଷଣା ଉପସ୍ଥାପନା ହସ୍ତଗତ ହୋଇଛି । ଏଥିରେ ଇଷ୍ଟୋନିଆ ଗଣରାଜ୍ୟର ରାଷ୍ଟ୍ରପତି ଆଲାର କରିସ୍, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ଯୋଗଦେବେ। ଏହି ସିମ୍‌ପୋସିୟମ ବିଶ୍ୱସ୍ତରୀୟ ପ୍ରସିଦ୍ଧ ଏଆଇ ବିଶେଷଜ୍ଞ ଏବଂ ଅଗ୍ରଣୀ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଏକତ୍ରିତ କରି ଏଆଇ-ଚାଳିତ ବୈଜ୍ଞାନିକ ଆବିଷ୍କାର, ସୁରକ୍ଷା ଓ ଶାସନ ଢାଞ୍ଚା, କମ୍ପ୍ୟୁଟିଂ ଭିତ୍ତିଭୂମିର ସମାନ ପ୍ରବେଶ ଏବଂ ଗ୍ଲୋବାଲ୍ ସାଉଥ୍‌ରେ ଗବେଷଣା ସହଯୋଗ ଉପରେ ଆଲୋଚନା କରିବ।

## ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ

ସମ୍ବଲପୁର,୧୬।୨(ମହାଭାରତ); ପଶ୍ଚିମ ଓଡିଶାର ଜଣାଶୁଣା ଡାକ୍ତର, ସମାଜସେବୀ ଓ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଆଜି ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ରାସେଶ୍ୱରୀ ପାଣିଗ୍ରାହୀଙ୍କ ଆଜି ରାତି ୮ଟା ୫୦ମିନିଟରେ ସମ୍ବଲପୁର ଶାନ୍ତିନଗରସ୍ଥିତ ନିଜ ଘରେ ପରଲୋକ ହୋଇଯାଇଛି। ତାଙ୍କ ଦେହାନ୍ତରେ ରାଜନୈତିକସ୍ତରରେ ଗଭୀର ଶୋକର ଛାୟା ଖେଳିଯାଇଛି। ରାଜ୍ୟପାଳ ଡ. ହରିବାବୁ କୁମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଗଭୀର ଶୋକପ୍ରକାଶ କରିଛନ୍ତି।



ସୂଚନାଯୋଗ୍ୟ, ଡା. ରାସେଶ୍ୱରୀ ପାଣିଗ୍ରାହୀ ପଶ୍ଚିମ ଓଡିଶାର ଗାଁରୁ ସହର ପର୍ଯ୍ୟନ୍ତ ଜଣେ ସୁନାମଧନ୍ୟ ଡାକ୍ତରଭାବେ ପରିଚିତ ଥିଲେ। ସେ ପେଶାରେ ଯଦିଓ ଜଣେ ଡାକ୍ତର ଥିଲେ, ସମାଜସେବା ଥିଲା ତାଙ୍କର ଅନ୍ୟତମ ବ୍ରତ। ଏକ ଟ୍ରଷ୍ଟ ମାଧ୍ୟମରେ ସେ ସାଧାରଣଜନତାଙ୍କର ସେବା କରୁଥିଲେ। ତାଙ୍କର ଏହି ସେବା ମନୋବୃତ୍ତି ପାଇଁ ବିଜୁ ଜନତା ଦଳ (ବିଜେଡି) ୨୦୧୪ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନସଭାରୁ ଟିକେଟ୍ ଦେଇଥିଲା। ରାସେଶ୍ୱରୀ ପାଣିଗ୍ରାହୀ ସେହି ନିର୍ବାଚନରେ ବିଜୟୀ ହୋଇ ବିଧାନସଭାର ସଦସ୍ୟ ହୋଇପାରିଥିଲେ। ଏଥି ସହିତ ସେ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର ବିଜେଡିରୁ ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ।

# ପନୀର ଜଲସା

**ଆବଶ୍ୟକ ସାମଗ୍ରୀ:** ପନୀର, ରିଫାଇନ, ଜୀରା, ହଳଦି ଗୁଣ୍ଡ, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ ,ଲୁଣ, ଟମାଟୋ ସସ୍, ଲଙ୍କାଗୁଣ୍ଡ। ଏହାବ୍ୟତୀତ ଆଚ୍ଚର ମସଲା ପାଇଁ ସୋରିଷ, ଜୀରା, ମେଥି, କଳାଜିରା ଓ ପାନମହୁରି।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ କରେଇରେ ତେଲ ଗରମ କରି ପନୀରକୁ ହାଲକା ଭାଜି ବାହାର କରି ଦିଅନ୍ତୁ। ଏହାପରେ ତେଲରେ ଜୀରା, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ, ହଳଦି ଗୁଣ୍ଡ ଓ ଲୁଣ ପକାଇ ଭାଜନ୍ତୁ। ପରେ ସେଥିରେ ଭଜା ପନିର, ଟମାଟୋ ସସ୍, ଲଙ୍କାଗୁଣ୍ଡ, ଓ ଚ୍ଚଟ ମସଲା ପକାନ୍ତୁ। କିଛି ସମୟ ପରେ ଆଚ୍ଚର ମସଲା ପକାଇ ଅଳ୍ପ ପାଣି ଦେଇ ଭଲ ଭାବେ ଫୁଟାନ୍ତୁ। ଏହାପରେ ଗରାମଗରମ ପ୍ଲେଟରେ ପରସନ୍ତୁ।



## ଖବର

# ଏମବିବିଏସ ଡିଗ୍ରୀ ହାସଲ କଲେ ଶ୍ରୀଲୀଳା




'ପୁଷ୍ପା-୨'ର ଆଇଟମ ଗୀତଟି ବହୁତ ହିଟ ହୋଇଥିଲା। ଏଥିରେ ଅଭିନୟ କରିଥିବା ନାୟିକା ରାତାରାତି ନ୍ୟାଶନାଲ କ୍ରଶ୍ ପାଲଟିଯାଇଥିଲେ। ଏହି ସୁନ୍ଦରୀ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି ଶ୍ରୀଲୀଳା। ତାଙ୍କର ସୁନ୍ଦର ଲୁକ ଏବଂ ଚମତ୍କାର ଅଭିନୟ ବ୍ୟତୀତ, ଶ୍ରୀଲୀଳା ଜଣେ ଭଲ ଛାତ୍ରୀ। ଏବେ ଏହି ସୁନ୍ଦରୀ ତାଙ୍କର ଏମବିବିଏସ ଡିଗ୍ରୀ ସମାପ୍ତ କରିଛନ୍ତି। ଶ୍ରୀଲୀଳା ଏବେ ଆନୁଷ୍ଠାନିକ ଭାବରେ ଜଣେ ଡାକ୍ତର ହୋଇଛନ୍ତି।ଛଅ ବର୍ଷ ଡାକ୍ତରୀ ପାଠପଢ଼ା ଏବଂ ସକ୍ରିୟ ଚଳଚ୍ଚିତ୍ର ଅଭିନୟ କ୍ୟାରିଅର କରିବା ପରେ, ସେ ନିକଟରେ ମୁମ୍ବାଇର ଡଣ ପାଟିଲ ବିଶ୍ୱବିଦ୍ୟାଳୟରୁ ତାଙ୍କର ଡାକ୍ତରୀ ଡିଗ୍ରୀ ସମାପ୍ତ କରିଛନ୍ତି। ପ୍ରଶଂସକମାନେ ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରଶଂସା କରୁଛନ୍ତି। ଶ୍ରୀଲୀଳା ୨୦୦୧ରେ ଆମେରିକାର ଡେଟ୍ରଏଟରେ ଏକ ତେଲୁଗୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ବେଙ୍ଗାଲୁରୁରେ ପାଳିତ ହୋଇଥିଲେ। ତାଙ୍କ ମାଆ ସ୍ୱର୍ଣ୍ଣଲତା ବେଙ୍ଗାଲୁରୁରେ ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ, ତେଣୁ ଶ୍ରୀଲୀଳା ତାଙ୍କ କ୍ୟାରିଅର ଭାବରେ ଡାକ୍ତରୀ ବାଛିଥିଲେ।ସେ ୨୦୧୭ ତେଲୁଗୁ ଚଳଚ୍ଚିତ୍ର ଚିତ୍ରାଙ୍ଗଦା ସହିତ ଅଭିନୟ ଆରମ୍ଭ କରିଥିଲେ। ମୁଖ୍ୟ ଅଭିନେତ୍ରୀ ଭାବରେ ତାଙ୍କର ଡେବ୍ୟୁ ୨୦୧୯ କନ୍ନଡ ଚଳଚ୍ଚିତ୍ର କିସ ସହିତ ହୋଇଥିଲା। ସେହି ବର୍ଷ ସେ ଭାରତେରେ ମଧ୍ୟ ନଜର ଆସିଥିଲେ। ସେ ୨୦୨୧ ଚଳଚ୍ଚିତ୍ର ପେଲି ସନ୍ଦାଡି ସହିତ ତେଲୁଗୁ ସିନେମାରେ ଡେବ୍ୟୁ କରିଥିଲେ। ପରେ ସେ 'ପୁଷ୍ପା ୨: ଦି ରୁଲ'ର ସ୍ପେଶାଲ୍ ନମ୍ବର 'କିସିକ'ରେ ମଧ୍ୟ ନଜର ଆସିଥିଲେ। ଦକ୍ଷିଣ ସିନେମାରେ ଏକ ଛାପ ଛାଡ଼ିବା ପରେ ଏହି ସୁନ୍ଦରୀ ଏବେ ବଲିଉଡକୁ ଚ୍ଚଳିଆସିଛନ୍ତି। ଏବେ ସେ ଅନୁରାଗ ବାସୁଙ୍କ ଏକ ଫିଲ୍ମରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ନଜର ଆସିବେ।

# ଉପହାରରେ ଦିଅନ୍ତୁ ନାହିଁ ପାଣି ପାତ୍ର



ଜଳ ମୁଖ୍ୟତଃ କେଉଁ ଗ୍ରହ ସହ ଜଡ଼ିତ ଓ ଜୀବନରେ ଏହାର ପ୍ରଭାବ କ'ଣ, ତାହା ହୁଏତ ସମସ୍ତଙ୍କୁ ଜାଣାନଥାଏ। ତେବେ ଆସନ୍ତୁ ଜାଣିବା ଜଳ ସହ ଗ୍ରହର କ'ଣ ରହିଛି ସମ୍ବନ୍ଧ।

ଜଳର ମୁଖ୍ୟତଃ ଚନ୍ଦ୍ରମା ଓ ଶୁକ୍ର ଗ୍ରହଙ୍କ ସହ ସମ୍ବନ୍ଧ ରହିଛି। କିଛି ମାତ୍ରାର ଏହାର ସମ୍ବନ୍ଧ ମଙ୍ଗଳ ଗ୍ରହଙ୍କ ସହ ମଧ୍ୟ ରହିଛି। ଜଳର ସଠିକ ପ୍ରୟୋଗ କରିବା ଦ୍ୱାରା ଜାତକରେ ଶୁକ୍ର ଓ ଚନ୍ଦ୍ରମାଙ୍କ ସ୍ଥିତି ଉତ୍ତମ ରହିଥାଏ।

ଶୁକ୍ରଙ୍କ ସ୍ଥିତି ମଜଭୂତ କରିବା ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ -

ପ୍ରତିଦିନ ୨ଥର ସ୍ନାନ କରନ୍ତୁ।

ସ୍ନାନ ଜଳରେ କିଛି ମାତ୍ରାରେ ଗୋଲାପ ଜଳ ମିଶାନ୍ତୁ।

କାଚ ଗ୍ଲାସରେ ନିୟମିତ ଜଳ ପିଅନ୍ତୁ।

ପାଣି ପାତ୍ର ଉପହାରରେ ଦିଅନ୍ତୁ ନାହିଁ।

ଚନ୍ଦ୍ରମାଙ୍କ ସ୍ଥିତି ସୁଦୃଢ ଓ ମାନସିକ ଶାନ୍ତି ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ -

ଘରର ବଗିଚ୍ଚରେ ବହୁ ପ୍ରକାରର ଫୁଲର ବୃକ୍ଷ ଲଗାନ୍ତୁ ଓ ନିୟମିତ ସେଥିରେ ଜଳ ଅର୍ପଣ କରନ୍ତୁ।

ବର୍ଷାର ଜଳ ଏକ କାଚ ପାତ୍ରରେ ନେଇ କିଛି ସମୟ ଯାଏଁ ନିଜ ଶୟନ କକ୍ଷରେ ରଖନ୍ତୁ।

ଚନ୍ଦ୍ରମାଙ୍କ ସ୍ଥିତି ମଜଭୂତ କରିବା ପାଇଁ ସ୍ନାନ କରିବା ସମୟରେ ପ୍ରଥମେ ନାଭିରେ ଜଳ ପକାଇ ସ୍ନାନ କରନ୍ତୁ।

# ଦୈନନ୍ଦିନ ଖାଦ୍ୟକୁ ଗୁରୁତ୍ୱ ଦେଲେ ଦୂର ହେବ ହୃଦଘାତ ସମସ୍ୟା



ହୃଦ୍‌ଘାତ ଆଜିକାଲିକା ସମୟ ପାଇଁ ଏକ ସାଧାରଣ କଥା। ଅନେକ ଲୋକଙ୍କର ଏହି ସମସ୍ୟାରେ ପ୍ରାଣହାନୀ ଘଟୁଛି। ଏହା ନିୟନ୍ତ୍ରଣାଧୀନ ନହେଲେ ନିମିଷକରେ ଜୀବନ ଚ୍ଚଲି ଯାଇପାରେ। ବିଶେଷ କରି ଖାଇବା ପିଇବାରେ ଅବହେଳା ହେତୁ ହୃଦ୍‌ଘାତ ହୋଇଥାଏ। ନିଜର ଠିକ୍ ଭାବେ ଯତ୍ନ ନେଲେ ଆପଣ ନିଜକୁ ହୃଦଘାତଠାରୁ ଦୂରେଇ ରଖିପାରିବେ। ଦୈନନ୍ଦିନ କାର୍ବୋହାଇଡ୍ରେଟ୍ସ, ପ୍ରୋଟିନ୍, ଫ୍ୟାଟ୍, ଭିଟାମିନ୍ ଏବଂ ଫାଇବର୍ ଯୁକ୍ତ କିଛି ନା କିଛି ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଓଜନ କମାଇବାକୁ ଚ୍ଚହୁଁଥାନ୍ତି ତେବେ ପ୍ରୋଟିନ୍ ଖାଇବା ଟିକେ କମ୍ କଲେ ଚଳିବ। ମାତ୍ରାଧିକ ଓଜନ ମଧ୍ୟ ହୃଦ୍‌ଘାତର କାରଣ ହୋଇଥାଏ। ପ୍ରଚୁର ପରିମାଣର ଫଳ ଓ ସବୁଜ ପରିବା ଖାଆନ୍ତୁ। ବିଶେଷ କରି ଶାଗ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ। ବାଦାମ ଓ ବିଭିନ୍ନ ପ୍ରକାରର ମଞ୍ଜି ଖାଦ୍ୟରେ ସାମିଲ୍ କରନ୍ତୁ। ଶସ୍ୟ ଜାତୀୟ ଖାଦ୍ୟ ଓ ମାଛ ଖାଇବା ଦ୍ୱାରା ବ୍ୟକ୍ତି ସୁସ୍ଥ ରହିଥାଏ। ଜଣେ ସଂପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଙ୍କୁ ହୃଦଘାତ କବଳିତ କରିପାରେ ନାହିଁ। ବିଶେଷ କରି ଘରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ବାହାର ଖାଦ୍ୟ ଯେତେ ନଖାଇବେ ସେତେ ଭଲ। ମନେ ରଖନ୍ତୁ ଆପଣଙ୍କର ଯଦି ସିଗାରେଟ୍ କିମ୍ବା ମଦ୍ୟପାନର ଅଭ୍ୟାସ ଅଛି ତେବେ ଏହାକୁ ନିଶ୍ଚିତ ଭାବେ ଛାଡ଼ିବାକୁ ପଡ଼ିବ। ଏସବୁ ମାନିବା ଦ୍ୱାରା ହୃଦ୍‌ଘାତକୁ ଏଡ଼ାଇ ଦିଆଯାଇପାରେ।

# ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ। ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି । ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।

ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା–

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।



# ମାନସିକ ଦୁଶ୍ଚିନ୍ତା ଦୂର କରେ ଦହି



କ୍ଷୀରରୁ ପ୍ରସ୍ତୁତ ଅନେକ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ। ଏହା ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ। ଏଥିରେ ପୁଷ୍ଟିଯୁକ୍ତ, ଭିଟାମିନ,ପ୍ରୋଟିନ ଓ କ୍ୟାଲସିୟମ ଭଳି ଅତ୍ୟାବଶ୍ୟକ ପୋଷକତ□ ରହିଛି। ଏହା ମଧ୍ୟରୁ ଦହି ହେଉଛି ଗୋଟିଏ। ଦହିର ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ବିଶେଷ କରି ଖରାଦିନେ ନିୟମିତ ନିଜ ଖାଦ୍ୟରେ ଦହି ସାମିଲ କରନ୍ତୁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦୂର ହୋଇଥାଏ। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ।

ଗବେଷଣାରୁ ଜଣାପଡିଛି, ଦହିରେ ଅନେକ ପୋଷକ ତ□ ରହିଛି। ଯାହା ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଏଥିରେ କ୍ୟାଲସିୟମର ମାତ୍ରା ଖୁବ ଅଧିକ ଥିବାରୁ ହାଡ ପାଇଁ ଖୁବ ଉପକାରୀ। ହାଡକୁ ସୁସ୍ଥ ରଖିବାରେ ମଧ୍ୟ ସହାୟକ ହୋଇଥାଏ। ଏକ କପ ଦହିରୁ ଦୈନିକ କ୍ୟାଲସିୟମର ମାତ୍ରା ଆବଶ୍ୟକ ଅନୁଯାୟୀ ୪୯ ପ୍ରତିଶତ ମିଳିଥାଏ। ଜାଣନ୍ତୁ ଖରାଦିନେ ନିୟମିତ ଦହି ଖାଇଲେ କି କି ଲାଭ ମିଳିଥାଏ। ଗବେଷଣାରୁ ଜଣାପଡିଛି, ଦହି ହାଲକା ମାତ୍ର ଅନେକ ପୁଷ୍ଟିଯୁକ୍ତ। ଏହା ଶରୀରରେ ଜଳୀୟଅଂଶ ମାତ୍ରାକୁ ସଠିକ ରଖିବା ସହ ଶକ୍ତି ଯୋଗାଇଥାଏ। ଖରାଦିନେ ଦହି ଖାଇବା ଦ୍ୱାରା ଖରାର କୁପ୍ରଭାବରୁ ରକ୍ଷା ମିଳିଥାଏ। ଶରୀରକୁ ଭିତରୁ ସତେଜ ରଖିବା ସହ କାର୍ଯ୍ୟକରିବାକୁ ଇଚ୍ଛାଶକ୍ତି ବୃଦ୍ଧି କରିଥାଏ। ଦହି ସେବନ ଦ୍ୱାରା ଶରୀରରେ ଉତ୍ତମ ବ୍ୟାକ୍ଟେରିଆ ବୃଦ୍ଧି ହୋଇଥାଏ। ଯାହା ଖାଦ୍ୟକୁ ହଜମ କରିବାରେ ସହାୟକ ହୋଇଥାଏ। ପେଟ ଜନିତ ଅନେକ ସମସ୍ୟା ଦୂର କରିଥାଏ। ଏହାସହ କୋଷ୍ଠକାଠିନ୍ୟ, ବଦହଜମି, ପେଟରେ ଜଳାପୋଡା ଅନୁଭବ ହେବା ମଧ୍ୟ ଦୂର ହୋଇଥାଏ। ଖରାଦିନେ ତ୍ୱଚ୍ଚ ପାଇଁ ଧ୍ୟାନ ଦେବା ମଧ୍ୟ ଆବଶ୍ୟକ। ତେଣୁ ଏହି ସମୟରେ ଦହି ସେବନ କରିବା ଏକ ଉତ୍ତମ ବିକଳ୍ପ। ଦହି ଖାଇବା ସହ ଏହାକୁ ତ୍ୱଚ୍ଚରେ ମଧ୍ୟ ଲଗାଇପାରିବେ। ଖରାର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଦହିର ଫେସପ୍ୟାକ ମଧ୍ୟ ବ୍ୟବହାର କରିପାରିବେ। ଏହା ମୁହଁର କୋଷିକାକୁ ସୁସ୍ଥ ରଖିବା ପାଇଁ ସହାୟକ ହୋଇଥାଏ। ମାନସିକ ଦୁଶ୍ଚିନ୍ତା ଓ ବ୍ୟତିବ୍ୟସ୍ତ ରହୁଥିବା ବ୍ୟକ୍ତି ବିଶେଷ ଦୈନିକ ନିଜ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଦହି ମସ୍ତିଷ୍କକୁ ଶାନ୍ତ କରିବାରେ ସହାୟକ ହୋଇଥାଏ।

# ପ୍ରାଇଡ ଅଫ ଓଡ଼ିଶା ସମ୍ମାନ ଉତ୍ସବରେ ରାଜ୍ୟପାଳ

**ଭୁବନେଶ୍ୱର,୧୬।୨ (ମହାଭାରତ):** ଅନ୍ୟମାନଙ୍କ ପାଇଁ ସେବା କରିବାରେ ପ୍ରକୃତ ମହାନତା ନିହିତ ଥାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ଦିନ ଅର୍ଗସ୍ ନ୍ୟୁଜ୍ ଦ୍ୱାରା ଭୁବନେଶ୍ୱର ଠାରେ ଆୟୋଜିତ 'ପ୍ରାଇଡ ଅଫ ଓଡ଼ିଶା ସମ୍ମାନ ଉତ୍ସବ 'ସିଜିନ୍ ୨.୦ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ରାଜ୍ୟପାଳ ସମ୍ମାନ ପ୍ରଦାନ କରିଥିଲେ।

ଏହି ସମାରୋହରେ ଉଦବୋଧନ ଦେଇ କାର୍ଯ୍ୟକ୍ରମକୁ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ଭାବରେ ରାଜ୍ୟପାଳ ବର୍ଣ୍ଣନା କରି କହିଥିଲେ ଯେ, ଏହା ସାହସ, କରୁଣା ଏବଂ ପ୍ରତିବଦ୍ଧତା ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱୀକୃତି ଦିଏ। ଏହି କାର୍ଯ୍ୟକ୍ରମ କେବଳ ଏକ ସମ୍ମାନ ପ୍ରଦାନ ସମାରୋହ ନୁହେଁ, ବରଂ ନୀରବ ପରିବର୍ତ୍ତନକାରୀଙ୍କ ପ୍ରତି ସମ୍ମାନ, ଯାହାଙ୍କ ପ୍ରୟାସ ଓଡ଼ିଶାର ଆତ୍ମାକୁ ଦୃଢ଼ କରିଛି।

ଏହି ପଦକ୍ଷେପକୁ ପରିକଳ୍ପନା କରି ସାକାର କରିଥିବାରୁ ଅର୍ଗସ୍ ନ୍ୟୁଜ୍ କୁ ରାଜ୍ୟପାଳ ପ୍ରଶଂସା କରି ଉଲ୍ଲେଖ କରିଥିଲେ ଯେ, ଯେତେବେଳେ ଖବର ପ୍ରାୟତଃ ଦ୍ୱନ୍ଦ୍ୱ ଏବଂ ଚ୍ୟାଲେଞ୍ଜକୁ ମୁଖ୍ୟ ଅଂଶ କରିଥାଏ, ସେତେବେଳେ ସାମାଜିକ ବିକାଶରେ ଏକ ମିଡ଼ିଆ ହାଉସ୍ ସକାରାତ୍ମକ ଅବଦାନ ଦେବା ଉତ୍ସାହଜନକ।ସମାଜ ପାଇଁ ଅସାଧାରଣ ଅବଦାନ ଦେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରି ଚ୍ୟାନେଲ୍ ପ୍ରଦର୍ଶନ କରିଛି ଯେ ଗଣମାଧ୍ୟମ ପରିବର୍ତ୍ତନର ଏକ ଶକ୍ତିଶାଳୀ ଉପକରଣ ହୋଇପାରେ।




ପୁଣି ରାଜ୍ୟପାଳ କହିଥିଲେଯେ, ଆଜିର ଦ୍ରୁତ ଗତିଶୀଳ, ପ୍ରଯୁକ୍ତିବିଦ୍ୟା-ଚାଳିତ ବିଶ୍ୱରେ ଲୋକମାନେ ପ୍ରାୟତଃ ସଫଳତା ଏବଂ ପ୍ରତିଷ୍ଠା ପଛରେ ପଡ଼ିଯାଆନ୍ତି। କେତେକ ସମୟରେ ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱକୁ ଅଣଦେଖା କରନ୍ତି। ସମାଜରେ ସମ୍ବେଦନଶୀଳତା ହ୍ରାସ ପାଇବା ଉପରେ ଚିନ୍ତା ପ୍ରକାଶ କରି ରାଜ୍ୟପାଳ କହିଛନ୍ତି ଯେ ଦୁଃଖଦ ମୁହୂର୍ତ୍ତରେ କିଛି ବ୍ୟକ୍ତି ସାହାଯ୍ୟ ପ୍ରଦାନ କରିବା ପରିବର୍ତ୍ତ ଘଟଣା ରେକର୍ଡ କରିବାକୁ ପସନ୍ଦ କରନ୍ତି।

ଜଳବାୟୁ ପରିବର୍ତ୍ତନ, ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଅପରାଧ ଏବଂ ସାମାଜିକ ଅସମାନତା ଭଳି ଚ୍ୟାଲେଞ୍ଜଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରି କହିଛନ୍ତିଯେ, ଏ ସବୁର ନିରାକରଣ ପାଇଁ ସରକାର ନିରନ୍ତର ପ୍ରୟାସ କରୁଥିବା ବେଳେ ନାଗରିକମାନଙ୍କୁ ମଧ୍ୟ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ପଡିବ। 'ସେବା ପରମ ଧର୍ମ' ନୀତିକୁ ଆପଣେଇ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ପ୍ରଶଂସା କରି ସେମାନଙ୍କୁ ସମାଜର ପ୍ରକୃତ ନାୟକ ଭାବରେ ରାଜପାଳ ବର୍ଣ୍ଣନା କରିଛନ୍ତି। ସମ୍ମାନପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଛନ୍ତି ଯେ ସେମାନଙ୍କର ନିଃସ୍ୱାର୍ଥପର ସେବା ରାଜ୍ୟବ୍ୟାପୀ ଅଗଣିତ ଜୀବନ ପାଇଁ ଆଶା, ମର୍ଯ୍ୟାଦା ଏବଂ ସୁଯୋଗ ଆଣିଛି। ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ, ଶିକ୍ଷା, ସାମାଜିକ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଅବହେଳିତଙ୍କ ଯତ୍ନ ଭଳି ବିବିଧ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଥିବା ସମ୍ମାନିତ ବ୍ୟକ୍ତିମାନେ କରୁଣା ଏବଂ ପ୍ରତିବଦ୍ଧତା ମନୋଭାବର ଉଦାହରଣ ଅଟନ୍ତି। ରାଜ୍ୟପାଳ ଆହୁରି ମଧ୍ୟ କହିଛନ୍ତି ଯେ, ସେମାନଙ୍କର କାର୍ଯ୍ୟ ଏକ ଶକ୍ତିଶାଳୀ ବାର୍ତ୍ତା ପଠାଏ ଯେ, ଦୟା ଏବଂ ମାନବିକତା ବୃଦ୍ଧି ପାଇବା ଜାରି ରହିଛି। ରାଜ୍ୟପାଳ ସେମାନଙ୍କର ନିରନ୍ତର ସଫଳତା କାମନା କରିଥିଲେ ଏବଂ ସେମାନଙ୍କ ମହାନ ପ୍ରୟାସରୁ ଅନ୍ୟମାନେ ପ୍ରେରଣା ନେବାକୁ ଆହ୍ୱାନ ଜଣାଇଥିଲେ।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା

**ଭୁବନେଶ୍ୱର,୧୬।୨ (ମହାଭାରତ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି। ଶିରିପୁରସ୍ଥିତି ଇମେଜ୍ ଠାରେ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୨୪୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଦଯାପନୀ ଅଧିବେଶନରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ସର୍ବପ୍ରଥମେ ଦିଗଦର୍ଶନ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନିରନ୍ତର ପ୍ରୟାସ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ସାଧୁବାଦ୍ ଜଣାଇ କହିଛନ୍ତି, ଆଜିର ପରିବର୍ତ୍ତନଶୀଳ ସମୟରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଶିକ୍ଷକମାନଙ୍କୁ ମଧ୍ୟ ନୂତନ ଜ୍ଞାନକୌଶଳର ଶିଖିବାର ଆବଶ୍ୟକତା ରହିଛି। ଏହି ଦିଗଦର୍ଶନରୁ ଯାହା ଶିକ୍ଷାଗ୍ରହଣ କରିବେ, ତାହା ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କରିବାରେ ବ୍ୟବହାର କରିବେ ବୋଲି ଶ୍ରୀ ମହାପାତ୍ର ମତ ରଖିଛନ୍ତି। ଏଥିସହ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ଦୁଇଟି ପର୍ଯ୍ୟାୟରେ ହୋଇଥିବା ପିଜିଟି ପ୍ରଶିକ୍ଷଣ କର୍ମଶାଳା ସଫଳ ହୋଇଥିବା ଖୁସି ବ୍ୟକ୍ତ କରିଥିଲେ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ଆଇଆଇଏଫଏଲ ଫାଇନାନ୍ସ ବଣ୍ଡରେ ୨,୦୦୦ କୋଟି ଟଙ୍କା ସଂଗ୍ରହ କରିବ

**ଭୁବନେଶ୍ୱର,୧୬।୨ (ମହାଭାରତ):** ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡ୍, ଭାରତର ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ମଧ୍ୟରୁ ଗୋଟିଏ, ମଙ୍ଗଳବାର, ଫେବୃଆରୀ ୧୭, ୨୦୨୬ରେ ଖୋଲାଯାଇଥିବା ସୁରକ୍ଷିତ ରିଡିମେବଲ୍ ନନ୍-କନଭର୍ଟିବଲ୍ ଡିବେଂଚର (ଏନସିଡି)ର ଏକ ପବ୍ଲିକ୍ ଇସ୍ୟୁ ଆରମ୍ଭ କରିବାକୁ ଘୋଷଣା କରିଛି, ଯେଉଁଥିରେ ୫୦୦ କୋଟି ଟଙ୍କାର ଇସ୍ୟୁ ଆକାର ଏବଂ ୧,୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଓଭରସବସ୍କ୍ରିପସନ୍ ବଜାୟ ରଖିବା ପାଇଁ ଏକ ଗ୍ରୀନ୍-ଜୋତା ବିକଳ୍ପ ରହିଛି, ଯାହା ସମୁଦାୟ ୨,୦୦୦ କୋଟି ଟଙ୍କା ହେବ । ସଂଗୃହିତ ପାଣ୍ଠି ବ୍ୟବସାୟ ଅଭିବୃଦ୍ଧି ଏବଂ ପୁଞ୍ଜି ବୃଦ୍ଧି ପାଇଁ ବ୍ୟବହୃତ ହେବ । ଏନସିଡି ବାର୍ଷିକ ୯% ପର୍ଯ୍ୟନ୍ତ ପ୍ରଭାବଶାଳୀ ଲାଭ ପ୍ରଦାନ କରିଥାଏ, ଯେଉଁଥିରେ ପୁଞ୍ଜି ବିନିଯୋଗ ଅବଧି ୨୪ ମାସ, ୩୬ ମାସ ଏବଂ ୬୦ ମାସ ଅଟେ । ନିବେଶକମାନେ ମାସିକ, ବାର୍ଷିକ ଏବଂ ସମୁଦାୟ (ପରିପକ୍ୱତାରେ) ସମେତ ଏକାଧିକ ସୁଧ ଦେୟ ବିକଳ୍ପରୁ ବାଛିପାରିବେ। ଏହି ପ୍ରସଙ୍ଗରେ ମନ୍ତବ୍ୟ ଦେଇ ଆଇଆଇଏଫ୍ଏଲ୍ ଫାଇନାନ୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ନିର୍ମଳ ଜୈନ କହିଛନ୍ତି,"ଆଇଆଇଏଫ୍ଏଲ୍ ଫାଇନାନ୍ସ ହେଉଛି ଭାରତର ଅଗ୍ରଣୀ ଏନ୍‌ବିଏଫ୍‌ସି ମଧ୍ୟରୁ ଅନ୍ୟତମ, ଯାହାର ଏକ ଶକ୍ତିଶାଳୀ ଦେଶବ୍ୟାପୀ ଉପସ୍ଥିତି ଏବଂ ଏକ ବିବିଧ ଖୁଚୁରା ପୋର୍ଟଫୋଲିଓ ସହିତ ୪.୬ ନିୟୁତ ଗ୍ରାହକଙ୍କ ଋଣ ଆବଶ୍ୟକତାକୁ ପୂରଣ କରୁଛି । ପ୍ରସ୍ତାବିତ ପାଣ୍ଠି ସଂଗ୍ରହ ଆମକୁ ଆମର ପାଣ୍ଠି ଉତ୍ସକୁ ବିବିଧ କରିବା ସହିତ ଋଣ ପ୍ରବେଶକୁ ଆହୁରି ବିସ୍ତାର କରିବାରେ ସକ୍ଷମ କରିବ ।

# ଓଡ଼ିଶାରେ ହେବ ଚେନ୍ନାଇ ଢାଞ୍ଚାର ସୁଲଭ ବାସଗୃହ

**ଭୁବନେଶ୍ୱର,୧୬।୨ (ମହାଭାରତ):** ସୁଲଭ ବାସଗୃହ ଏବଂ ସହରୀ ବିକାଶ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ବିଶ୍ୱସ୍ତରୀୟ ଶ୍ରେଷ୍ଠ ପ୍ରୟୋଗର ବ୍ୟବହାର ତଥା ଅଭିଜ୍ଞତା ହାସଲ ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଚେନ୍ନାଇ ଗସ୍ତ କରିଛନ୍ତି। ବିଶ୍ୱ ବ୍ୟାଙ୍କ ଏବଂ ଏସିୟାନ ଡେଭେଲପମେଣ୍ଟ ବ୍ୟାଙ୍କ ସହାୟତାରେ ପରିଚାଳିତ ସୁଲଭ ବାସଗୃହ ଏବଂ ସହରୀ ଆବାସ ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତାମିଲନାଡୁରେ କାର୍ଯ୍ୟକାରୀ ହେଉଥିବା ସୁଲଭ ବାସଗୃହ ପ୍ରଦାନର ସଫଳ ମଡେଲ, ସଂସ୍ଥାଗୁଡ଼ିକର ସୁଦୃଢ଼ିକରଣ, ଅଭିନବ ଆର୍ଥିକ ରୂପରେଖ ଏବଂ ସ୍ଥାୟୀ ସହରୀ ଆବାସିକ ବିକାଶକୁ ବୁଝିବା ଉପରେ ଏହି ଗସ୍ତରେ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀ ଏବଂ ଓଡ଼ିଶା ଅର୍ବାନ ହାଉସିଂର ଅଧିକାରୀମାନେ ତାମିଲନାଡୁ ଅର୍ବାନ ହାବିଟାଟ୍ ଡେଭଲପମେଣ୍ଟ ବୋର୍ଡ ଏବଂ ଚେନ୍ନାଇ ମେଟ୍ରୋପଲିଟାନ ଡେଭଲପମେଣ୍ଟ ଅଥରିଟିର ବରିଷ୍ଠ ଅଧିକାରୀମାନଙ୍କ ସହ ନୀତିଗତ ରୂପରେଖ, ପ୍ରକଳ୍ପ ପରିଚାଳନା ଏବଂ କାର୍ଯ୍ୟାନ୍ୱୟନ କୌଶଳ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରତିନିଧି ଦଳକୁ ବିଶ୍ୱ ବ୍ୟାଙ୍କ ସହାୟତାରେ ପ୍ରାୟ ୨୦୦ ମିଲିୟନ



ଡଲାର ବ୍ୟୟରେ ପରିଚାଳିତ 'ହାଉସିଂ ଆଣ୍ଡ ହାବିଟାଟ୍ ଡେଭଲପମେଣ୍ଟ ପ୍ରୋଜେକ୍ଟ' ବିଷୟରେ ସୂଚନା ଦିଆଯାଇଥିଲା। ଏହି ପ୍ରକଳ୍ପ ସଂସ୍ଥାଗୁଡ଼ିକୁ ମଜବୁତ କରିବା ଏବଂ 'ତାମିଲନାଡୁ ସେଲ୍ଟର ଫଣ୍ଡ' ମାଧ୍ୟମରେ ସୁଲଭ ବାସଗୃହର ସୁବିଧା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଉଛି। ଏହା ଆର୍ଥିକ ଅନଗ୍ରସର ଶ୍ରେଣୀଙ୍କ ପାଇଁ ବେସରକାରୀ ପୁଞ୍ଜି ବିନିଯୋଗ ଏବଂ ସ୍ଥାୟୀ ବାସଗୃହ ସମାଧାନ ପାଇଁ ଏକ ସାମାଜିକ ପାଣ୍ଠି ମଡେଲ ଭାବେ କାର୍ଯ୍ୟ କରୁଛି। ଏହି ଗସ୍ତରେ ଏବିଡି ସହାୟତାରେ ପ୍ରାୟ ୧୫୦ ମିଲିୟନ ଡଲାର ବିନିଯୋଗରେ ଚାଲୁଥିବା ଅନ୍ୟ ଏକ ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା, ଯାହାର ଲକ୍ଷ୍ୟ ହେଉଛି ପ୍ରାୟ ୬,୦୦୦ ବାସଗୃହ ନିର୍ମାଣ କରିବା। ଏହି ଯୋଜନାରେ ବିପଦପୂର୍ଣ୍ଣ ଅଞ୍ଚଳରୁ ପରିବାରମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ବିଜୁଳି-ଦକ୍ଷ ଗୃହ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍କୁଲ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ସାମାଜିକ ସୁବିଧା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପରେ ଶ୍ରୀମତୀ ପାଢ଼ୀ ଆଇଆଇଟି ମାଡ୍ରାସ ପରିଦର୍ଶନ କରି "ପ୍ରଯୁକ୍ତିବିଦ୍ୟା, ନୀତି ଏବଂ ଜନସେବାର ସମନ୍ୱୟ" ଶୀର୍ଷକ ଏକ ବକ୍ତୃତା ପ୍ରଦାନ କରିଥିଲେ। ସେଠାରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ ସହରୀ ଗୃହ ସମସ୍ୟା, ସ୍ୱଚ୍ଛତା ଏବଂ ଜନସଂଖ୍ୟା ବୃଦ୍ଧି ଭଳି ଆହ୍ୱାନର ସମାଧାନ ପାଇଁ ଡାଟା-ଭିତ୍ତିକ ପ୍ରଶାସନ, କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଏବଂ ନୈତିକ ନେତୃତ୍ୱର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଜନସେବା ଓ ସିଭିଲ୍ ସର୍ଭିସ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଉତ୍ସାହିତ କରି ସେ କହିଥିଲେ ଯେ, ଆଧୁନିକ ପ୍ରଶାସନରେ ବୈଷୟିକ ଦକ୍ଷତା ସହିତ ମାନବିକତା, ନୈତିକତା ଏବଂ ଭାବନାତ୍ମକ ବୁଦ୍ଧିମତା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏହି କାର୍ଯ୍ୟକ୍ରମଟି ଏକ ପ୍ରଶ୍ନୋତ୍ତର ଅଧିବେଶନ ଏବଂ ସିଭିଲ୍ ସର୍ଭିସ ପରୀକ୍ଷା ପ୍ରସ୍ତୁତି ନେଇ ମାର୍ଗଦର୍ଶନ ସହିତ ଶେଷ ହୋଇଥିଲା। ତାମିଲନାଡୁର ଏହି ଅଭିଜ୍ଞତା ଏବଂ ଆଲୋଚନା ଆଗାମୀ ଦିନରେ ସମାବେଶୀ ଏବଂ ସ୍ଥାୟୀ ସହରୀ ବିକାଶ ଯୋଜନା ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ଶ୍ରୀମତୀ ପାଢ଼ୀ ମତ ବ୍ୟକ୍ତ କରିଛନ୍ତି।

# ବିଜେପିରେ ସାମିଲ ହେଲେ କଟକ ବିଜେଡି ନେତା ଓ କର୍ମୀ

**ଭୁବନେଶ୍ୱର,୧୬।୨ (ମହାଭାରତ):** ବିକାଶର ଅନ୍ୟନାମ ବିଜେପି ଓଡ଼ିଶା ପ୍ରଦେଶର ୭୮ବର୍ଷର ଶାସନ ବ୍ୟବସ୍ଥା ପରିବର୍ତନ ପରେ ବିଜେପି ଏକାକୀ ସରକାର ଗଠନ କରି ଗତ ୧୮ମାସ ମଧ୍ୟରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି। ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି କଟକ ସଦର ବିଧାନସଭାର ଜିଲ୍ଲା କନ୍ଦରପୁର ୫ନଂ. ଜୋନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ମାହାଲି, ଧରିଣା ଗ୍ରାମ ପଂଚାୟତ ସରପଂଚ ରତ୍ନାକର ରାଉତ, ବାବୁଜଙ୍ଗ ଗ୍ରାମ ପଂଚାୟତ ସରପଂଚ ସ୍ୱାଧୀନ ଭୂୟାଁ, ମଣିଜଙ୍ଗା ଗ୍ରାମ ପଂଚାୟତ ସରପଂଚ ସାରଦା ମହାନ୍ତି, ମହମ୍ମଦପୁର ଗ୍ରାମ ପଂଚାୟତ ସରପଂଚ ପ୍ରତିଭା ବେହେରା, ନେମାଳ ଗ୍ରାମ ପଂଚାୟତ ସରପଂଚ ସଂସ୍ମିତା ମହାନ୍ତି, ପାଲଡା ଗ୍ରାମ ପଂଚାୟତ ସରପଂଚ ଚିନ୍ମୟୀ ବେହେରା, ଦଶପଡା ଗ୍ରାମ ପଂଚାୟତ ସରପଂଚ ମିନତୀ ସେଠୀ, ଦଶପଡା ଗ୍ରାମ ପଂଚାୟତ ନାୟବ ସରପଂଚ ଯମୁନା ମୁର୍ମୁ,



ପ୍ରହରାଜପୁର ଗ୍ରାମ ପଂଚାୟତ ସଂରପଂଚ ଅବ୍‌ଦୁଲ୍ ଓ୍ୱାହିଦ୍ ଖାନ, ମଣିଜଙ୍ଗା ଗ୍ରାମ ପଂଚାୟତ ନାୟବ ସରପଂଚ ସୁଲୋଚନା ସେଠୀ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ଓ୍ୱାର୍ଡ ମେମ୍ବରମାନେ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆଜି ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ଦ୍ୱାରା କେବଳ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ନୁହେଁ କି କଟକ ଜିଲ୍ଲା ନୁହେଁ ବରଂ ରାଜ୍ୟରେ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ କନ୍ଦରପୁର ଗ୍ରାମ ପଂଚାୟତର ଦୀପକ ହାତୀ, ପ୍ରସନ୍ନ ହାତୀ, ପ୍ରଭଞ୍ଜନ ସ୍ୱାଇଁ, ବଳରାମ ବାରିକ, ମନୋଜ କୁମାର ସାହୁ, ହୃଷିକେଶ ବାରିକ; ବାବୁଜଙ୍ଗା ଗ୍ରାମ ପଂଚାୟତର ଆଲୋକ ନାରାୟଣ ଖୁଂଟିଆ, ଶରତ ଚନ୍ଦ୍ର ରାଉତ, ବଂଶୀଧର ଦାଶ, ବିଚିତ୍ରାନନ୍ଦ ସ୍ୱାଇଁ, ଧରଣୀଧର ସାହୁ, ବିଶ୍ୱଜିତ ଖୁଂଟିଆ; ମଣିଜଙ୍ଗା ଗ୍ରାମ ପଂଚାୟତର ରତିକାନ୍ତ ସାହୁ, କାର୍ତ୍ତିକ ସେଠୀ, ସନାତନ ଦାଶ, ରାଜେଶ ଦାଶ, ବୁଲା ବାରିକ, କୁଳମଣୀ ସାହୁ; ମହମ୍ମଦପୁର ଗ୍ରାମ ପଂଚାୟତର ସରୋଜ କୁମାର ବେହେରା, ଶିବ ପ୍ରସାଦ ମଲ୍ଲ, ପ୍ରକାଶ ଚନ୍ଦ୍ର ପାତ୍ର, ମନୋରଂଜନ ସାମଲ, ପ୍ରଦୀପ କୁମାର ବେହେରା, ରଂଜନ ପାତ୍ର; ନେମାଳ ଗ୍ରାମ ପଂଚାୟତର ସସ୍ମିତା ମହାନ୍ତି, ଅମୀୟ ପ୍ରସାଦ ମହାନ୍ତି, ମେଘନାଦ ଦାସ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।

# ନେକ୍ସସ ଏସପ୍ଲାନେଡ୍ ମଲରେ ଭାଲେନ୍‌ଟାଇନ୍ସ ଡ଼େ

**ଭୁବନେଶ୍ୱର,୧୬।୨ (ମହାଭାରତ):** ଭୁବନେଶ୍ୱରର ନେକ୍ସସ ଏସପ୍ଲାନେଡ଼ ମଲ ଏକ ସ୍ୱତନ୍ତ୍ର ଭାଲେନ୍‌ଟାଇନ୍ସ ଡ଼େ ଅନୁଭୂତି ସହିତ ପ୍ରେମ, ହସ ଏବଂ ଉତ୍ସବର ଏକ ଜୀବନ୍ତ କେନ୍ଦ୍ରରେ ପରିଣୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦମ୍ପତ୍ତି, ବନ୍ଧୁ, ଏକକ ଯୋଡ଼ି ଏବଂ ପରିବାରବର୍ଗ ଏକତ୍ରିତ ହୋଇ ଏକ ଅବିସ୍ମରଣୀୟ ଦିନ ଅତିବାହିତ କରିଥିଲେ।

ସହରର ସବୁଠାରୁ ପସନ୍ଦଯୋଗ୍ୟ ଉତ୍ସବ ଏବଂ ଅନୁଭୂତିପୂର୍ଣ୍ଣ କାର୍ଯ୍ୟକ୍ରମର କେନ୍ଦ୍ର ଭାବରେ ମଲର ସୁନାମକୁ ଆହୁରି ଦୃଢ଼ କରିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। ଏଥିରେ ଏକ ଦୃଢ଼ ପରସ୍ପର ଭାବର ଆଦାନ ପ୍ରଦାନ ସହିତ ଜୀବନ୍ତ ଆମୋଦପ୍ରମୋଦ ତଥା ସୃଜନଶୀଳ କର୍ମଶାଳା ଗୁଡ଼ିକର ଏକ ସୁନ୍ଦର ସମନ୍ୱୟ ଏଠାରେ ଦେଖିବାକୁ ମିଳିଥିଲା ଯାହା ଗ୍ରାହକମାନଙ୍କୁ ଆକର୍ଷିତ କରିବା ସହିତ ସୋସିଆଲ ମିଡ଼ିଆରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା।

ଦର୍ଶକମାନେ ଏଠାରେ ଦୃଶ୍ୟମାନ ଲଭ କେଜ ଫଟୋ-ଅପ, ପ୍ରତି ଆକର୍ଷିତ ହେବା ସହିତ ଏଥିରେ ରହିଥିବା ଆଟ୍ରିୟମ ମଞ୍ଚରେ ଆୟୋଜିତ ଉତ୍ସାହପ୍ରଦ କପୁଲ ଗେମସ ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ ଏବଂ ଅଭିନବ ବ୍ରେକ୍‌ଅପ ରିକଭରି ବୁଥ ଦ୍ୱାରା ଯଥେଷ୍ଟ ଭାବରେ କୌତୁହଳୀ ହୋଇ ଏକକ ଯୋଡ଼ି ମାନଙ୍କୁ ଜୀବନରେ ଆହୁରି ଆଗକୁ ବଢ଼ିବା ପାଇଁ ଏକ ମଜାଦାର ତଥା ଅଭିବ୍ୟକ୍ତିପୂର୍ଣ୍ଣ ମାଧ୍ୟମର ଖୋରାକ ଯୋଗାଇଥିଲା। ଦିନର ମୁଖ୍ୟ ଆକର୍ଷଣ ଥିଲା ଏକ ଚିତ୍ତାକର୍ଷକ ମ୍ୟାଜିକାଲ ବେଲୁନ ଡ୍ରପ ଯାହା ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଏକ ସାମୂହିକ ଉତ୍ସାହ ଭରିବା ସହିତ ଏହାକୁ ସେୟାର କରିବା ଭଳି ଅନେକଗୁଡିଏ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି କରିଥିଲା।

ସନ୍ଧ୍ୟା ହେବା ସହିତ, ଏକ ରୋମାଣ୍ଟିକ ଜୀବନ୍ତ ବ୍ୟାଣ୍ଡର ଦକ୍ଷତା ଏବଂ ଜାମିଙ୍ଗ ଅଧିବେଶନ ଏହି ଉତ୍ସବର ପରିବେଶକୁ ଆହୁରି ଦ୍ୱିଗୁଣିତ କରିଥିଲା। ଏଭଳି ଏକ ପର୍ବର ଆବେଗକୁ ଆହୁରି ଗଭୀର କରିବା ପାଇଁ ଆୟୋଜିତ ହୋଇଥିଲା ଜାପାନୀ କି ସୁଗି କର୍ମଶାଳା। ନିଜର ଦୋଷ-ଦୁର୍ବଳତାକୁ ଗ୍ରହଣ କରିବା ଏବଂ ପୁନର୍ବାର ସଜଡ଼ିବାର ଦର୍ଶନ ଉପରେ ଆଧାରିତ ଏହି କର୍ମଶାଳା, ପ୍ରେମ ଏବଂ ନୂତନତ୍ୱର ଭାବନାକୁ ସଠିକ୍ ଭାବେ ପ୍ରତିଫଳିତ କରିଥିଲା। ଏଥିସହିତ ଅତିଥିମାନେ ଲାଇଭ କାରୀକେଚର ବୁଥରେ ମଧ୍ୟ ପ୍ରବଳ ଭିଡ଼ ଜମାଇଥିଲେ, ଯେଉଁଠାରେ କଳାକାରମାନେ ଦମ୍ପତ୍ତି ଏବଂ ବନ୍ଧୁମାନଙ୍କର ସୁନ୍ଦର ସୁନ୍ଦର ଚିତ୍ର ପ୍ରସ୍ତୁତ କରିଥିଲେ।

ମନୋରଞ୍ଜନ, ସୃଜନଶୀଳତା ଏବଂ ଭାବପୂର୍ଣ୍ଣ କାହାଣୀର ଏକ ଚମତ୍କାର ମିଶ୍ରଣ ସହିତ, ନେକ୍ସସ ଏସପ୍ଲାନେଡ଼ ମଲ ସଫଳତାର ସହ ଏକ ପ୍ରଭାବଶାଳୀ ଭାଲେଣ୍ଟାଇନ୍ସ ଡ଼େ ପାଳନ କରିଛି ଯାହା, ଭୁବନେଶ୍ୱରର ଏକ ପ୍ରମୁଖ ଲାଇଫଷ୍ଟାଇଲ ଏବଂ କମ୍ୟୁନିଟି-ଇଭେଣ୍ଟ ହବ୍ ଭାବରେ ନିଜର ସ୍ଥାନକୁ ପୁଣି ଥରେ ପ୍ରମାଣିତ କରିଛି।

# ଆଇବିସିଏସ୍ ପକ୍ଷରୁ ମ୍ୟାନେଜମେଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ

**ଭୁବନେଶ୍ୱର,୧୬।୨ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଏକ ମ୍ୟାନେଜେମେଂଟ ଡେଭଲପମେଂଟ ପ୍ରୋଗ୍ରାମ୍ ଗତ ଶନିବାର ଆୟୋଜିତ ହୋଇଯାଇଛି। "ମ୍ୟାନେଜିଂ ଏଆଇ ଡ୍ରିଭନ୍ ମାର୍କେଟ: ଆନ୍ ଇଣ୍ଡଷ୍ଟ୍ରି ୫.୦ ପର୍ସପେକ୍ଟିଭ୍" ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଦ୍ୟୋଗୀ, ବ୍ୟବସାୟୀ, କର୍ପୋରେଟ ଜଗତର ବ୍ୟକ୍ତବିଶେଷ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇ ମାର୍କେଟ ଏବଂ ବ୍ୟବସାୟ ଭିତିକ ନିଷ୍ପତି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବଢ଼ିଚାଲିଥିବା ଭୂମିକା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଡିପିର ଆବାହକ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଏବଂ ଆସୋସିଏଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଆୟୋଜିତ ବୈଷୟିକ ପର୍ଯ୍ୟାୟକୁ ଏଆଇ ଟ୍ରେନର ସିଏ ଏସ୍‌କେ. ଅବୁ ସକିବ୍ ପରିଚାଳନା କରିଥିଲେ। ସେହିପରି ଆଇଟି ପ୍ଲସ ପଏଂଟ ସଲ୍ୟୁସନ୍‌ସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ପ୍ରଭାତ ସାହୁ ଏବଂ ଟିସିଏସ୍ ରିସର୍ଚ୍ଚର ପ୍ରମୁଖ ବୈଜ୍ଞାନିକ ଓ ଇଞ୍ଜିନିୟର ଡକ୍ଟର ହେମନ୍ତ ରଥ ଯୋଗ ଦେଇ କୃତ୍ରିମ ବୁଦ୍ଧିମତା କିଭଳି ବ୍ୟବସାୟ ଏବଂ ଉଦ୍ୟୋଗୀକରଣରେ ବ୍ୟବହାର କରାଯାଉଛି ସେ ନେଇ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ



ଦେଇ ବକ୍ତବ୍ୟ ରଖିବା ସହ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଡିପିର ସଂଯୋଜିକା ଡକ୍ଟର ଅଳକା ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡକ୍ଟର ରୀତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦ ଲଙ୍ଗ ନାଓ ଅଫ୍ ଅସ୍' ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୨ (ମହାଭାରତ):** ସଂସ୍କୃତି କ୍ଷେତ୍ରର ବ୍ୟକ୍ତିବିଶେଷ, ସରକାରୀ ପଦାଧିକାରୀ ଏବଂ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦଙ୍କର ଏକ ଭବ୍ୟ ସମାବେଶରେ ଇଓ ଓଡ଼ିଶା ପକ୍ଷରୁ ଆନ୍ତର୍ଜାତିକସ୍ତରରେ ଖ୍ୟାତିସମ୍ପନ୍ନ ଆର୍ଟିଷ୍ଟ ଜଗନ୍ନାଥ ପଣ୍ଡାଙ୍କର ସାମ୍ପ୍ରତିକ କୃତିଗୁଡିକୁ ନେଇ ଉଲ୍ଲେଖନୀୟ ଏକକ ପ୍ରଦର୍ଶନୀ 'ଦ ଲଙ୍ଗ୍ ନାଓ ଅଫ ଅସ୍' ଉଦ୍‌ଘାଟିତ ହୋଇଯାଇଛି। ଶିବଦାସ ସେନଗୁପ୍ତାଙ୍କ ନିଖୁଣ ପ୍ରସ୍ତୁତିରେ ଏହି ପ୍ରଦର୍ଶନୀ ଜନସାଧାରଣଙ୍କର ବିପୁଳ ଅଂଶଗ୍ରହଣ ଏବଂ ଉଚ୍ଚ ପ୍ରଶଂସା ମଧ୍ୟରେ ଭୁବନେଶ୍ୱରସ୍ଥିତ ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଥିଲା।

ଏଣ୍ଟରପ୍ରିନର୍ସ ଅର୍ଗାନାଇଜେସନ ଓଡ଼ିଶା ପକ୍ଷରୁ ଏହା ପଣ୍ଡାଙ୍କର ନିଜ ସହରରେ ପ୍ରଥମ ଏକକ ବୃହତ ପ୍ରଦର୍ଶନୀ ହୋଇଛି, ଯେଉଁଥିରେ ତିନି ଦଶନ୍ଧି ଧରି ତାଙ୍କର କଳାତ୍ମକ ପରିଭାଷାରେ ପରିବର୍ତ୍ତନର ସନ୍ଧାନ କରୁଥିବା ମିକ୍ସଡ୍-ମିଡିଆ ପେଣ୍ଟିଂ, ସ୍ଥାପତ୍ୟ, ଇନଷ୍ଟାଲେସନ୍ସ, ଡ୍ରଇଂ ଏବଂ ଡିଜିଟାଲ କଳାକୃତିଗୁଡିକର ସମାହାର ଘଟିଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶାର ସମ୍ମାନନୀୟ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ପ୍ରଦୀପ ପ୍ରଜ୍ୱଳନ ସହିତ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ରାଜ୍ୟର କଳାତ୍ମକ ଦୃଶ୍ୟପଟ୍ଟରେ ଏକ ଉଲ୍ଲେଖନୀୟ ସାଂସ୍କୃତିକ ମୁହୂର୍ତ୍ତ ପାଲଟିଥିଲା। ପ୍ରଫେସର (ଡ.) ପ୍ରଦୋଷ ମିଶ୍ର ଉଦ୍‌ଘାଟନୀ ସନ୍ଧ୍ୟାର ବିଶିଷ୍ଟ ଅତିଥିମାନଙ୍କୁ ସ୍ୱଗତ କରିବା ସହିତ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଶିବଦାସ ସେନଗୁପ୍ତା ତାଙ୍କର ପ୍ରସ୍ତୁତିରେ ପଣ୍ଡାଙ୍କର ବର୍ଣ୍ଣନାତ୍ମକ ଚିତ୍ରଣରୁ ଏକ ସଂସ୍କୃତିସମ୍ପନ୍ନ, ସାମଗ୍ରିକ ଭାବରେ ଏକତ୍ରିତ ସାଙ୍କେତିକ ବିନ୍ୟାସ ପର୍ଯ୍ୟନ୍ତ ବିବର୍ତ୍ତନ ବିଷୟକୁ ପ୍ରସଙ୍ଗ କରିଥିଲେ। ପ୍ରଦର୍ଶନୀର କେନ୍ଦ୍ରବିନ୍ଦୁ ଭାବରେ ୧୬ ଫୁଟର ଅଭିଲେଖ ଆଧାରିତ ରଥ ସ୍ଥାନ ପାଇଥିଲା। ନିଜର ଉଦ୍‌ଘାଟନୀ ଅଭିଭାଷଣରେ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶାର ପାରମ୍ପରିକ ମୂଳାଧାର ଏବଂ ବୈଶ୍ୱିକ ସମକାଳୀନ କଳାତ୍ମକ ଆଲୋଚନା ମଧ୍ୟରେ ଥିବା ତାରତମ୍ୟ ଦୂର କରିବା ନିମନ୍ତେ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଉକ୍ତ ସନ୍ଧ୍ୟାରେ ମଧ୍ୟ ରମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ଲିଖିତ ପୁସ୍ତକ 'ରୂପକଥାର ରୂପକାର: ଜଗନ୍ନାଥ ପଣ୍ଡାଙ୍କର ଜୀବନ, ଦର୍ଶନ ଏବଂ ସୃଜନ' ଉନ୍ମୋଚିତ ହୋଇଥିଲା।

# ଟାଟା ମୋଟର୍ସ ୧୭ଟି ନୂତନ ପରବର୍ତି-ପିଢ଼ି ଟ୍ରକର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୨ (ମହାଭାରତ):** ଭାରତର ପରିବହନ କ୍ଷେତ୍ରରେ ଏକ ବଡ଼ ପରିବର୍ତନ ଆଣିବା ଲକ୍ଷ୍ୟ ନେଇ, ଦେଶର ବୃହତମ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସ ଆଜି ଏହାର ୭-୫୫ ଟନ ବିଶିଷ୍ଟ ପରବର୍ତି ପିଢ଼ିର୧୭ଟି ନୂତନ ଟ୍ରକର ଶୁଭାରମ୍ଭ କରିଛି। ଏଥିରେ ସମ୍ପୂର୍ଣ୍ଣ ନୂତନ ଆଜୁରା ଶୃଙ୍ଖଳ, ଅତ୍ୟାଧୁନିକ ଟାଟା ଟ୍ରକ୍ସ.ଇଭି ସମ୍ଭାରଏବଂ ପ୍ରିମା, ସିଗ୍‌ନା ଓ ଅଲଟ୍ରା ମଂଚର ଅପଗ୍ରେଡ଼େଡ଼ ମଡ଼େଲ ସାମିଲ ହୋଇଛି। ଏହି ଟ୍ରକ ଗୁଡ଼ିକ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ (ଇସିଇ ଆର୨୯ ୦୩) ଅନୁଯାୟୀ ପ୍ରସ୍ତୁତ ହୋଇଛି। ଏହି ନୂତନ ଟ୍ରକର ଶୁଭାରମ୍ଭ ଅବସରରେ ମତରଖି ଗିରିଶ ୱାଘ, ଏମଡ଼ି ଏବଂ ସିଇଓ, ଟାଟା ମୋଟର୍ସ ଲିଃ. କହିଛନ୍ତି, "ଭାରତର ଟ୍ରକିଙ୍ଗ କ୍ଷେତ୍ର ଏବେ ଦ୍ରୁତ ପରିବର୍ତନ ଦେଇ ଗତି କରୁଛି, ଏଥିସହିତ ଜାତୀୟ ସ୍ତରର ଅଭିବୃଦ୍ଧିକାରୀ ନୀତିନିର୍ଦ୍ଧାରଣ, ଆଧୁନିକ ଭିତିଭୂମି ଏବଂ ସୁରକ୍ଷା, ପରିଷ୍କୃତତା ଓ ଅଧିକ ଦକ୍ଷ ବହନକାରୀତାକୁ ନେଇ ଏହା ଆଗକୁ ବଢ଼ି ଚାଲିଛି। ଟାଟା ମୋଟର୍ସ ସର୍ବଦା ଶିଳ୍ପଜନିତ ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଜର କାର୍ଯ୍ୟକାରୀତାକୁ ଆଗେଇ ନେଇଥାଏ। ଆମର ପରବର୍ତି ପିଢ଼ିର ପୋର୍ଟଫୋଲିଓ ସହିତ ଯେଉଁଥିରେ ସମ୍ପୂର୍ଣ୍ଣ ନୂତନ ଆଜୁରା ଶୃଙ୍ଖଳ, ଦୁଇଟି ଉନ୍ନତ ମାନର ଉଚ୍ଚ ଦକ୍ଷତା ସମ୍ପନ୍ନ ପାୱାରଟ୍ରେନ, ଆଇ-ଏମଓଇଭି ସ୍ଥପତି ଉପରେ ଆଧାରିତ ଶୂନ୍ୟ-ନିର୍ଗମନ ବିଶିଷ୍ଟ ବୈଦ୍ୟୁତିକ ଟ୍ରକ ଏବଂ ଟିପ୍ପର ଯେଉଁଥିରେ ୟୁରୋପୀୟ ମାନଙ୍କ କ୍ୟାବିନ ଏବଂ ଶିଳ୍ପ ଅଗ୍ରଣୀ ଅତ୍ୟାଧୁନିକ ସୁରକ୍ଷା ବିଶେଷତ୍ୱ ବ୍ୟବସ୍ଥା ସାମିଲ ଅଛି।

## ରାଜନୀତିରେ ନରଓ୍ୱାଣେ ଝଡ

ବହିଟି ଏ ଯାବତ ପ୍ରକାଶ ପାଇନାହିଁ। କିନ୍ତୁ ବହିର ବିଷୟ ବସ୍ତୁକୁ ନେଇ ସଂସଦରେ ହଙ୍ଗାମା ଚାଲିଛି। ଗୃହ ବାରମ୍ବାର ମୁଲତବି ହୋଇଛଇ ଏବଂ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇପାରିନି। କୋଟି କୋଟି ଟଙ୍କା ପାଣିରେ ପଡ଼ିଛି। ଏପରିକି ରାଷ୍ଟ୍ରପତିଙ୍କ ଅଭିଭାଣେ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉ□ର ପ୍ରଧାନମନ୍ତ୍ରୀ ଲୋକସଭାରେ ରଖିପାରିଲେ ନାହିଁ। ହଟ୍ଟଗୋଳ ଯୋଗୁ କଂଗ୍ରେସର ୮ଜଣ ସଦସ୍ୟଙ୍କୁ ଗୃହରୁ ଅଧିବେଶନର ବାକି ସମୟ ପର୍ଯ୍ୟନ୍ତ ସସପେଣ୍ଡ କରାଯାଇଛି। ସବୁଠାରୁ ବଡ଼ କଥା ହେଲା ଲୋକସଭାର ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ ଅନାସ୍ଥା ନୋଟିସ ଦିଆଯାଇଛି। ବିରୋଧୀଙ୍କ ଅଭିଯୋଗ ହେଲା ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କୁ ବାଚସପତି ଗୃହରେ ନିଜ ବକ୍ତବ୍ୟ ରଖିବାକୁ ସୁଯୋଗ ଦେଉ ନାହାଁନ୍ତି। କିନ୍ତୁ କଥାଟି ଭିନ୍ନ । ରାଷ୍ଟ୍ରପତିଙ୍କ ଅଭିଭାଣେ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନାରେ ରାହୁଲ ଅଂଶଗ୍ରହଣ କରିଥିଲେ। ନିଜ ବକ୍ତବ୍ୟ ରଖିବା ବେଳେ ରାହୁଲ ନରଓ୍ୱାଣେଙ୍କ ଦ୍ୱାରା ଲିଖିତ ପୁସ୍ତବ ସମ୍ପର୍କରେ ଅବତାରଣା କରିଥିଲେ। ପୁସ୍ତକରେ ୨୦୨୦ରେ ଚୀନ ସହ ଗଲୱାନ ବିବାଦ ସମ୍ପର୍କରେ ଉଲ୍ଲେଖ ରହିଛି। ରାହୁଲ ଏ ସମ୍ପର୍କରେ ତାଙ୍କ ଭାଷଣରେ ଉଲ୍ଲେଖ କରିବା ବେଳେ ଆପ□ ଉଠିଥିଲା। ବାଚସ୍ପତି ଓମ ବିର୍ଲା କହିଥିଲେ ଯେ, ଯେଉଁ ବହି ପ୍ରକାଶ ପାଇନି, ସେ ସମ୍ପର୍କରେ ଗୃହରେ ଆଲୋଚନା ଅନୁଚିତ। ତା ଛଡ଼ା ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ସହ ଏହାର କୌଣସି ସମ୍ପର୍କ ନାହିଁ। ଏଥିରେ ଉତକ୍ଷିପ୍ତ ହୋଇ ରାହୁଲ ଅଭିଯୋଗ କରିଥିଲେ ଯେ, ତାଙ୍କୁ ସଂସଦରେ ନିଜ ବକ୍ତବ୍ୟ ରଖିବାକୁ ସୁଯୋଗ ଦିଆଯାଉନି। ଏହା ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ଏବଂ ପରମ୍ପରା ବିରୋଧୀ। ସଂସଦୀୟ ଗଣତନ୍ତ୍ରରେ ବିରୋଧୀ ଦଳ ନେତାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବିରୋଧୀ ଦଳ ନେତା ଯେତେବେଳେ କିଛି କହିବାକୁ ଠିଆ ହୁଅନ୍ତି ସେତେବେଳେ ସମସ୍ତେ ବସି ଯାଆନ୍ତି। ଏପରିକି ଗୃହର ନେତା ମଧ୍ୟ ବସିରହନ୍ତି। ଏହା ହେଉଛି ପରମ୍ପରା। କିନ୍ତୁ ତା ଅର୍ଥ ନୁହେଁ ଯେ, ବିରୋଧୀ ଦଳ ନେତା ଯାହା ଇଚ୍ଛା ତାହା କହିବେ ଏବଂ ଯେତେବେଳେ ଇଚ୍ଛା କହିବେ। ରାହୁଲ ଗାନ୍ଧି ଯେଉଁ ଅଭିଯୋଗ କରିଛନ୍ତି ତହା ଭୁଲ। ଗୃହରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆଯାଉନି ଏପରି କହିବା ଭୁଲ। ତାଙ୍କୁ ବାଚସ୍ପତି କେବଳ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ କହିବାକୁ ମନା କରିଥିଲେ। ନିଜ ବକ୍ତବ୍ୟରେ ପ୍ରାସଙ୍ଗିକ ବିଷୟ ରଖିବାକୁ ବାଚସ୍ପତି ତାଙ୍କୁ ପରାମର୍ଶ ଦେଇଥିଲେ। ବାଚସ୍ପତିଙ୍କ ଏହି ରୁଲିଂର ଯଥାର୍ଥତା ରହିଛି। ତେବେ ଯଦି ରାହୁଲ ଗାନ୍ଧି ଏ ସମ୍ପର୍କରେ ଅଧିକ କିଛି କହିଥାଆନ୍ତେ ତେବେ ଆକାଶ ଛିଡ଼ି ପଡ଼ିନଥାନ୍ତା ବା ବେଦ ଅଶୁଦ୍ଧ ହୋଇନଥାନ୍ତା। ଯଦି ରାହୁଲ ଅପ୍ରାସଙ୍ଗିକ କଥା କହିଥାଆନ୍ତେ ତେବେ ତାଙ୍କ କଥାର ଉ□ର ଦେବାର ଆବଶ୍ୟକତା ନଥିଲା। କିନ୍ତୁ ତାଙ୍କୁ ଏହି ପ୍ରସଙ୍ଗରେ କହିବାକୁ ସମ୍ପୂର୍ଣ୍ଣ ବାରଣ କରିବା ଭୁଲ ନହେଲେ ମଧ୍ୟ ଅନାବଶ୍ୟକ ଥିଲା। ଏହା ଫଳରେ ଅଯଥା ବିବାଦ ସୃଷ୍ଟି ହେଲା ଏବଂ ବିନା କାରଣରେ ସରକାର ସନ୍ଦେହର ପରିଧି ଭିତରକୁ ଆସିଲେ। ସରକାର ଏବେ ବିନା କାରଣରେ କାଠଗଡ଼ାରେ ଠିଆ ହୋଇଛନ୍ତି। ବିରୋଧୀ ଏହି ପ୍ରସଙ୍ଗରେ ଏକାଠି ହୋଇଛନ୍ତି। ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଲେ ଏହା ଉପରେ ଯେଉଁ ଆଲୋଚନା ହେବ, ସେତେବେଳେ ପୁନର୍ବାର ଏହି ପ୍ରସଙ୍ଗ ଉଠିପାରେ। ସେତେବେଳେ କିଏ ବିରୋଧୀଙ୍କୁ ରୋକିବ? ଅବଶ୍ୟ ବାସ୍ତବରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ ଉପରେ ବାସ୍ତବରେ ଆଲୋଚନା ହେବ କି ନାହିଁ ତାହା ସନ୍ଦେହରେ।

“ ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ୍ୟ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା।

# ବିଗିଡି ଯାଉଛି ପିଲାଦିନ

॥ ଜୟନ୍ତୀ ପଣ୍ଡା ॥

ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି। ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ୍ୟ ଅନେକ ସାମ୍ନା କରିଥାନ୍ତି। ବାସ୍ତବକଥା ହେଉଛି ପିଲାଦିନଟି ସତରେ କ'ଣ ବିଗିଡ଼ି ଯାଇଛି? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧ୍ୟାପକ/ଅଧ୍ୟାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧ୍ୟରେ ଫୁଟବଲ ପାଲଟୁଛନ୍ତି। ଛାତ୍ରଛାତ୍ରୀଙ୍କ ପର୍ଫମାନ୍ସର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଲୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଚ୍ଛା କରନ୍ତି।

ଏ ଅବସ୍ଥା କ'ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ୍ୟ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଚ୍ଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ୍ୟ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ୍ୟ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ – ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ୍ୟ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଚ୍ଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ୍ୟ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ୍ୟ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ୍ୟ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ୍ୟ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରୀରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତକ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।

ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,
ସେକ୍ଟର-୮୮, ଫରିଦାବାଦ, ହରିଆନା

# ଜୀବନର ପ୍ରବାହ

॥ ଅନୀତା ପଟ୍ଟନାୟକ ॥

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା' ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।

ଅବସରପ୍ରାପ୍ତ ପ୍ରଧାନପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ଯେପରି କହୁଛ ସେପରି କର

॥ ଅନୀତା ପଟ୍ଟନାୟକ ॥

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ। ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା। ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ। ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧ୍ୟରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ। ସେ ଭଗବାନଙ୍କର ଉକ୍ତି 'ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି'। ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ। ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ। ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା। ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ। କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ 'ତୁମେ କୁଆଡ଼େ ଯାଇଥିଲ' ବୋଲି ପ୍ରଶ୍ନ କରିଥିଲେ। ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି। ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି। ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା। ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା। ସଂସ୍କାର ବାବୁ ରାଜେଶକୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ। ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ। ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ୍ୟ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ। ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି।

ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ତେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଳୁଟିଏ ଉଠାଇ ଆଣିଥିଲା। ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଳୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ। ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ। ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ। ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲ ହେବା ପାଇଁ ମନରେ ସ୍ଥିର କରିନେଲା। କିନ୍ତୁ ଏ କ'ଣ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱତା ନାହିଁ। ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ। କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ। ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ। ରାଜେଶ ଭାବୁଥିଲା ଏ କ'ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ। ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର। ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ। ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ। ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା। ବାପା ରାଜେଶକୁ କହିଲେ 'ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି। ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ। ଓକିଲାତି ଏକ ବ୍ୟବସାୟ। ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ ସେ ତାର ପରିବାର ପ୍ରତିପୋଷଣ କରିଥାଏ। ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି। ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର। ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ। ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା। ତାର କାନରେ ସ୍କୁଲ ଦିନର ପ୍ରାର୍ଥନା 'ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଭଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା। ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ 'ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ତାର ମନେ ପଡ଼ିଲା ଏହାମଧ୍ୟ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା। 'ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ'। ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା। ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ। ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା 'ତୁମି ଏକଲା ଚଲୋରେ'।

ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି



ଯୋଡ଼ା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଟାଟା କଲୋନୀ ସିଗିରିକେଶନ କୋଲୋନୀରେ ଗତକାଲି ବିଳମ୍ବିତ ରାତିରେ ତିନୋଟି ଫ୍ଲାଟରୁ କଟରରେ ତାଲାକୁ କାଟି ଲକ୍ଷାଧିକ ଟଙ୍କାର ସୁନା ଓ ଗହଣା ଦୃବୃତ ମାନେ ଚୋରି କରି ଫେରାର ମାରିଛନ୍ତି । ଘର ମାଲିକ କହିଛନ୍ତି ସୁନା ଗହଣା ସାଙ୍ଗରେ ଅନେକ ମୂଲ୍ୟବାନ ଜିନିଷ ଲୁଟ ହୋଇଥିବ ବୋଲି ଅନୁମାନ୍ କରାଯାଉଛି । ଏହି ଘଟଣା ଏବେ ଯୋଡ଼ା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ ଗତକାଲି ବିଳମ୍ବିତ ରାତି ପ୍ରାୟ ୧.୪୫ ରୁ ୩ ଘଟିକା ମଧ୍ୟରେ ୨ ଜଣ ଦୁର୍ବୃତ୍ତ ଘରେ କେହିନଥିବା ସୁଯୋଗର ଫାଇଦା ନେଇ ଡି ବ୍ଲକରେ ଥିବା ଅରୁପ ମହାନ୍ତିଙ୍କ ୬ ନମ୍ବର ଫ୍ଲାଟ ଏବଂ କେ.ଗୋପାଲ ରେଡି ଏବଂ ଇ ବ୍ଲକରେ ଥିବା ଭାଗବତ ବଳଙ୍କ ଫ୍ଲାଟର ଲୋକର ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିନେଇ ଫେରାର ମାରିଛନ୍ତି। ତେବେ ଗୋପାଲ ରେଡିଙ୍କ ଘରୁ ନଗଦ ୧୦ ହଜାର ଟଙ୍କା ୩ ଟି ସୁନା ଚେନ, ମଙ୍ଗଳସୁତ୍ର, ୪ ଟି କାନଫୁଲ ଏବଂ ରୁପା ପାଉଁଜି ଯାହାର ଆନୁମାଳିକ ମୂଲ୍ୟ ପ୍ରାୟ ୩୫ ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ତେବେ ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ,ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ମାଲକାନାଗିରି, (ମହାଭାରତ) : ଆଜି କୋରୁକୋଣ୍ଡା ବ୍ଲକ ଗୁଡ଼ାମେଟା ଗ୍ରାମ ପଞ୍ଚାୟତ ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୬୯ ଟି ଅଭିଯୋଗ ଗୁଡ଼ିକର ଶୁଣାଣୀ ହୋଇଥିଲା । ତନ୍ମଧ୍ୟରୁ ୨୯ ଟି ବ୍ୟକ୍ତିଗତ ଓ ୪୦ ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ବିଭିନ୍ନ ଯୋଜନାର ସେବା ଯୋଗାଇ ଦେବା ପାଇଁ ଶିବିରରେ କ୍ୟାମ୍ପ ସ୍ଥାପନ କରାଯାଇଥିଲା। ହିତାଧିକାରୀଙ୍କୁ ନୂତନ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ କାର୍ଡ ଗୁଡ଼ିକର ନବୀକରଣ କରାଯାଇଥିଲା। ସାମାଜିକ ସୁରକ୍ଷା ପେନସନ ଯୋଜନା ଅଧୀନରେ ନୂତନ ପେନସନ ନିମନ୍ତେ ପଞ୍ଜୀକରଣ କରାଯାଇଥିଲା। ସେହିପରି ହେଲ୍ଥ କ୍ୟାମ୍ପ କରାଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

## ଜାଗର ମେଳା ଅବସରରେ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ



କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ମଳେଶ୍ୱରୀ ଗ୍ରାମରେ ବାବା ମଳିକେଶ୍ୱରୀ ସାଂସ୍କୃତିକ ସଂଗଠନ ତରଫରୁ ଅଷ୍ଟାଦଶ ବାର୍ଷିକ ଜାଗର ମେଳା ଅବସରରେ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ସୁରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ଦାସ, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ଼, ସମ୍ମାନୀତ ଅତିଥି ଭାବେ ଦୂରଦର୍ଶନ କଳାକାର ହରେକୃଷ୍ଣ ବେହେରା, ସଙ୍ଗୀତ ନିର୍ଦ୍ଦେଶକ ଡାକ୍ତର ପ୍ରଭଞ୍ଜନ ଦାସ, ସାମାଜିକ କର୍ମୀ ଗୋପବନ୍ଧୁ ବେହେରା, ବିଦ୍ୟାଧର ପ୍ରଧାନ ପ୍ରାକ୍ତନ ପ୍ରଧାନ ଶିକ୍ଷୟତ୍ରୀ ପ୍ରବୀଣା ଦାସ, ବରିଷ୍ଠ ସାମ୍ବାଦିକ କୈଳାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ବ୍ଲକସ୍ତରୀୟ ଗୀତ ଏବଂ ନୃତ୍ୟ ବରିଷ୍ଠ ଏବଂ କନିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିଲା । ହଳଧର ବେହେରା, ଜଗନ୍ନାଥ ଦାସ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଧନୁର୍ଦ୍ଧର ଦାସ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ । ଅଞ୍ଚଳର ବିଶିଷ୍ଟ ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ତଥା ନାଟ୍ୟ ନିର୍ଦ୍ଦେଶକ ହଳଧର ବେହେରାଙ୍କ ରଚିତ ' ଜଗନ୍ନାଥ ଭଜନ ବିଥିକା 'ଅତିଥି ମାନଙ୍କ କରକମଳରେ ଉନ୍ମୋଚନ ହୋଇଥିଲା । ସାରା ରାତି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଜାଗର ଉପବାସ କରିଥିବା ଶ୍ରଦ୍ଧାଳୁ ଭକ୍ତ ଏବଂ କଳା ପ୍ରେମୀ ମାନେ ଢ଼େର ସାରା ଉପଭୋଗ କରିଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ଅର୍ଥରାଶି, ପ୍ରମାଣପତ୍ର, ସିଲ କପ ଦେଇ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଚାଷୀଙ୍କୁ କୃଷି ଯନ୍ତ୍ରପାତି ପ୍ରଦାନ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ତରଫରୁ ପାଟଣା ବ୍ଲକ ପାଞ୍ଚ ଟି କ୍ଲଷ୍ଟର ଅଞ୍ଚଳ ର ୫୭୨ଜଣ ଚାଷୀ ଙ୍କୁ ୯୨ଟି ଡିଜେଲ ଚାଳିତ ପମ୍ପ ଓ ଉନ୍ନତ ମାନର ୨୦୫ଟି ପାଣି ଛିଞ୍ଚନ ଯନ୍ତ୍ରପାତି ହିତାଧିକାରୀ ଙ୍କୁ ମାଗଣାରେ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ଗୋଷ୍ଠି ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ସଚ୍ଚିଦାନନ୍ଦ ମିଶ୍ର,ଓସ୍କା ସମ୍ପାଦିକା ଧରିତ୍ରୀ ରାଉତ ପ୍ରମୁଖ ଯୋଗଦାନ କରି ଛନ୍ତି। କାର୍ଯ୍ୟକ୍ରମ କୁ ପାଟଣା ବିଏଲଇ ବିକ୍ରମ କେଶରୀ ବେହେରା ସଂଯୋଜନା କରିଥିବା ବେଳେ ସାହାରପଡା ବିଏଲଇ ପ୍ରସନ୍ନ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଛନ୍ତି।

# ଅସାଧୁ ମଦବ୍ୟବସାୟୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି ମାଣ୍ଡୁକି



ଅସ୍ତରଙ୍ଗ, (ମହାଭାରତ) : ବର୍ତ୍ତମାନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସାଜିଛି ଚୋରା ମଦ ବ୍ୟବସାୟୀ ଙ୍କ ଆଡ୍ଡା ସ୍ଥଳୀ ବା ହବ୍, କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରଶାସନିକ ସ୍ତରରେ ହେଉନି ଦୃଢ କାର୍ଯ୍ୟାନୁଷ୍ଠାନ, ଗ୍ରାମବାସୀ ଅନେକ ଥର ମାଣ୍ଡୁକି ଗ୍ରାମ ରେ ପୋଷ୍ଟର ଲଗାଇ ସଚେତନତା ସୃଷ୍ଟି କରିଥିଲେ ବି ରୋକ ଲଗାଯାଇପାରୁନି ଏହି ଚୋରା ନିଶା କାରବାର । ଲକ୍ଷାଧିକ ଟଙ୍କାର ଚୋରା ମଦ କିଣା ଯାଉଛି ଆଉ ଖୁଲମ ଖୁଲା ଚୋରା ବ୍ୟବସାୟୀ ଏହାକୁ ନେଇ ଗ୍ରାମର ବିଭିନ୍ନ ସ୍ଥାନରେ ବିକ୍ରି କରିବାରେ ଲାଗୁଛନ୍ତି। କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ, ବିରୋଧ କରିବା ଲୋକଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଉଛି ବୋଲି ଶୁଣିବାକୁ ମିଳୁଛି। ପ୍ରତ୍ୟେକ ଦିନ ପୋଲିସ କହୁଛି ହେଉଛି କଡା ପେଟ୍ରୋଲିଙ୍ଗ, ଅବକାରୀ ବିଭାଗର ବାରମ୍ବାର ଅଞ୍ଚଳ ଗସ୍ତ ଦେଖିବାକୁ ମିଳୁଛି କିନ୍ତୁ ନିଆଯାଉନାହିଁ ଆକ୍ସନ। ମାଣ୍ଡୁକିର ଅନେକ ସ୍ଥାନରେ ଗଳି କନ୍ଦି ରେ ବାଇକ ରେ ଅସାଧୁ ବ୍ୟବସାୟୀ ନେଇ ଚଢ଼ା ଦରରେ ମଦ ବିକ୍ରି କରୁଛନ୍ତି। ଅସ୍ତରଙ୍ଗ ବ୍ଲକରେ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ତିନି ଗୋଟି ସ୍ୱୀକୃତିପ୍ରାପ୍ତ ବିଦେଶୀ ଓ ଗୋଟେ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନ ରହିଛି। ମାତ୍ର ମାଣ୍ଡୁକି, ଶିଶୁଆ ପଞ୍ଚାୟତ ଲୋକଙ୍କୁ ଏତେ ଦୂରକୁ ଆସିବାକୁ ପଡୁଥିବାରୁ ସେମାନେ ଅସାଧୁ ବ୍ୟବସାୟୀଙ୍କ ନିକଟରୁ କିଣୁଛନ୍ତି ଲକ୍ଷାଧିକ ଟଙ୍କାର ମଦ ଏବଂ ତାହାର ମୂଲ୍ୟ ମଧ ଚଢ଼ା ଦର ନେଉଛନ୍ତି ଯାହା ଓଡିଶା ଅବକାରୀ ଆଇନର ଖୁଲମ ଖୁଲା ଉଲଂଘନ କରାଯାଉଛି। ଗ୍ରାମାଞ୍ଚଳରେ ଅସାଧୁ ବ୍ୟବସାୟୀଙ୍କ ଏହି ଉପଦ୍ରବ ପାଇଁ ଅନେକ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ସୂଚନା ଥାଉକି ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି କଲେଜ ଛାତ୍ର ଛାତ୍ରୀଙ୍କ ଯାତାୟାତ ହେଉଛି। ଅନେକ ମହିଳାଙ୍କ ସମେତ ଜନସାଧାରଣ ମାନେ ଏହି ରାସ୍ତା ରେ ଯାତାୟାତ ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅସ୍ତରଙ୍ଗ ପୋଲିସ ଓ ଅବକାରୀ ବିଭାଗ ଏହି ଘଟଣା ଉପରେ ନଜର ପକାଇ ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ କରାଯାଇଛି ।

## ବାବା ମଧୁବନ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାଲିପାଟଣା, (ମହାଭାରତ): ବାବା ମଧୁବନଙ୍କ ପୀଠରେ ଆଜି ୫ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଅଛି । ଗୁରୁବାର ଅଙ୍କୁରାଧୀବାସ, ଶୁକ୍ରବାର କଳସ ଯାତ୍ରା ଓ ଅଗ୍ନିସ୍ଥାପନ, ଶନିବାର ନାମ ଯଜ୍ଞ ଓ ରବିବାର ଦିନ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୂତି ରେ ୧୫ହଜାର ରୁ ଅଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଶେଷ ଦିନ ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥିଲା। ଯଜ୍ଞରେ ଭକ୍ତମାନେ ଯୋଗଦେଇ ଠାକୁର ଙ୍କ ଅପାର କରୁଣା ଲାଭ କରିଥିଲେ। ଏହି ଯଜ୍ଞରେ ମଠର ମଦନ ସାହୁ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିବା ବେଳେ ତରଡପଡ଼ା ଗ୍ରାମବାସୀ ବୃଦ୍ଧ ଯଜ୍ଞରେ ସହଯୋଗ କରିଥିଲେ।

## ଇଫ୍‌କୋ ପାରାଦ୍ୱୀପ ୟୁନିଟ ପକ୍ଷରୁ ଏସସିବି ମେଡିକାଲକୁ ଷ୍ଟିଲ ଚେୟାର ପ୍ରଦାନ




ପାରାଦୀପ, (ମହାଭାରତ) : ଇଫ୍‌କୋ ପାରାଦ୍ୱୀପ ୟୁନିଟ ତରଫରୁ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ମେଡ଼ିସିନ ବିଭାଗକୁ ୫୦ଗୋଟି ତିନି-ଜଣିଆ ବସିବା ଷ୍ଟିଲ ଚେୟାର ପ୍ରଦାନ କରାଯାଇଅଛି । ଏସ. ସି. ବି ମେଡିକାଲ ନୂତନ ମେଡ଼ିସିନ ବିଭାଗ ପରିସରରେ ପ୍ରଫେସର ଡା.ଜୟନ୍ତ କୁମାର ପଣ୍ଡା ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ. ସି. ବି ମେଡିକାଲ କଲେଜ ଓ ହସ୍ପିଟାଲ ର ଅଧକ୍ଷା ପ୍ରଫେସର ଡା.ଲୁସି ଦାସ, ମେଡିକାଲ ଅଧିକ୍ଷକ ଡ଼ା.ଗୌତମ କୁମାର ଶତପଥୀ, ଅତିରିକ୍ତ ଅଧିକ୍ଷକ ଜୋତ୍ରୀମୟ ନାୟକ, ମେଡ଼ିସିନ ବିଭାଗ ମୁଖ୍ୟ ଡ଼ା.ସରୋଜ କୁମାର ତ୍ରିପାଠୀ, ଇଫ୍‌କୋ ପାରାଦ୍ୱୀପ ୟୁନିଟ ର ଲୋକ ସମ୍ପର୍କ ଅଧିକାରୀ ଡ଼ଃ.ପ୍ରସନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ରହି ମେଡ଼ିସିନ ବିଭାଗର ୭ଟି ୟୁନିଟ, ମେଡ଼ିସିନ ବହିର୍ବିଭାଗ, ମେଡ଼ିସିନ ଆଇ.ସି.ୟୁ, ଆଶୁ ଚିକିତ୍ସା ବିଭାଗ, ମେଡ଼ିସିନ କ୍ୟାବିନ୍ ସହିତ ରକ୍ତ କେନ୍ଦ୍ର ଓ ଅନ୍ୟ ଆବଶ୍ୟକ ସ୍ଥାନ ପାଇଁ ଏହି ଚେୟାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ.ସି.ବି ମେଡିକାଲ ଅଧକ୍ଷା ଡ଼ା.ଲୁସି ଦାସ କହିଥିଲେ ଯେ ଇଫ୍‌କୋର ଏହି ଚେୟାରଗୁଡ଼ିକ ମେଡିସିନ୍ ବିଲ୍ଡିଂରେ ରୋଗୀ ଓ ମେଡିସିନ୍ ବିଭାଗର ସୁବିଧା ବୃଦ୍ଧି କରିବାରେ ସହାୟକ ହେବା ସହ ଇଫ୍‌କୋର ବ୍ୟାପକ ସାମାଜିକ ଅବଦାନକୁ ମଧ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ମେଡିକାଲ ଅଧିକ୍ଷକ ଡ଼ା.ଗୌତମ ଶତପଥୀ ଇଫ୍‌କୋର ସମୟୋପଯୋଗୀ ସହଯୋଗକୁ ପ୍ରଶଂସା କରିବା ସହ ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍ ଓ ପାରାଦୀପ ୟୁନିଟ୍ ମୁଖ୍ୟ ପି.କେ.ମହାପାତ୍ରଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ। ସୋମବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ବିଶ୍ୱରଂଜନ ସାହୁ, ପ୍ରଭାତ କୁମାର ବେହେରା, ଦିବ୍ୟ ରଞ୍ଜନ ପରିଡା, ମାନସ ରଞ୍ଜନ ନାୟକ, ବିଭୁଦତ୍ତ ନାୟକଙ୍କ ସହିତ ନର୍ସିଂ ଅଫିସର ମାନେ ପରିଚାଳନା କରିଥିଲେ।

## ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ୨୦୨୫-୨୬ ଅନୁଷ୍ଠିତ




ଦଶପଲ୍ଲା, (ମହାଭାରତ): ରାଜ୍ୟ ସରକାରଙ୍କର ଯୁବ ଓ କ୍ରୀଡ଼ା ବିଭାଗ, ମୋ ଭାରତ ନୟାଗଡ଼ ତରଫରୁ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ୨୦୨୫-୨୬ କୁ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ସେବାବାହିନୀ ଫ୍ରେଣ୍ଡସ କ୍ଲବ ଦ୍ୱାରା ମହାଆଡ଼ମ୍ବରରେ ଆୟୋଜନ କରାଯାଇଥିଲା। କ୍ଲବର ଉପସଭାପତି ଯୁଗଳ ବେହେରା, ସମ୍ପାଦକ ଚିନ୍ମୟ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସଭ୍ୟ ମାନଙ୍କ ମିଳିତ ସହଯୋଗରେ ୧୪ ତାରିଖରୁ କ୍ରୀଡ଼ା ମହାକୁମ୍ଭ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିବସରେ ବ୍ୟାଡ଼ମିଣ୍ଟନ ପୁରୁଷ ସିଙ୍ଗଲ, ମହିଳା ସିଙ୍ଗଲ ଦଶପଲ୍ଲା ଏନ ଏ ସି ସ୍ଥିତ ବିଜୁପଟ୍ଟନାୟକ କ୍ରୀଡ଼ା ଭବନରେ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ଶ୍ରୀରାମପୁର ସ୍କୁଲ ପରିସରରେ ଭଲିବଲ ପ୍ରତିଯୋଗିତା ହୋଇଥିଲା। ସେହିଭଳି ୧୫ ତାରିଖ ଅର୍ଥାତ ଖେଳ ର ଅନ୍ତିମ ଦିବସରେ ମହିଳା ଜୁନିଅର କବାଡି, ଉଭୟ ପୁରୁଷ ଓ ମହିଳା ୧୦୦ ମିଟର ଦୌଡ଼, ସଂଗୀତ ଚୌକି ଏବଂ ସାଧାରଣଜ୍ଞାନ ଅନୁଷ୍ଠିତ ହୋଇଥିଲା।ଏଥିରେ ୧୪ରୁ ୨୯ ବର୍ଷ ର ଯୁବ ବର୍ଗ ଅଂଶ ଗ୍ରହଣ କରିଥିଲେ। ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ନଛିପୁର ପଞ୍ଚାୟତ ର ସମିତି ସଭ୍ୟ ପଦ୍ମଚରଣ ପ୍ରଧାନ ଏବଂ ନଛିପୁର ଗ୍ରାମପଂଚାୟତ ର ସରପଞ୍ଚ ପ୍ରତିନିଧି ବେଣୁଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଖେଳାଳୀ ମାନଙ୍କୁ ଟ୍ରଫି, ପ୍ରମାଣପତ୍ର ଦେବା ସହ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ସେବା ବାହିନୀ ଫ୍ରେଣ୍ଡସ କ୍ଲବର ସମ୍ପାଦକ ଚିନ୍ମୟ ପ୍ରଧାନ ଯୁବ ବର୍ଗ ଙ୍କୁ ଖେଳକୁଦ ମାଧ୍ୟମରେ ସଫଳତା ର ପାହାଚ ଚଢ଼ି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଯିବାପାଇଁ ପ୍ରେରଣା ଦେବା ସହ ଯୁବ ବର୍ଗଙ୍କୁ ଉତ୍ସାହିତ କରିଥିଲେ।

## ରିଆମାଳର ତୁହିଲାମାଲ ଠାରେ ଅଭିଯୋଗ ଶୁଣାଣୀ ଦିବସ

ଦେବଗଡ଼, (ମହାଭାରତ) : ସୋମବାର ଦିନ ରିଆମାଳ ବ୍ଲକ ଟୁହିଲାମାଲ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୫୩ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୩୪ ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ସିସି ରୋଡ, ବାର୍ଦ୍ଧକ୍ୟ ଭତ୍ତା, ଷ୍ଟ୍ରିଟ ଲାଇଟ୍, ଶିକ୍ଷକ ନିଯୁକ୍ତି ଓ କମ୍ୟୁନିଟୀ ସେଣ୍ଟର୍ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦିଲୀପ କୁମାର୍ ପ୍ରଧାନ, ଏସି ଏଫ୍ ଅରୁଣ କୁମାର ବେହେରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠି ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତହସିଲଦାର,ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଏହି ଜନଶୁଣାଣୀରେ ଯୋଗଦାନ କରିଥିଲେ।

## ଜୁନାଗଡ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର




ଜୁନାଗଡ, (ମହାଭାରତ) : ଜୁନାଗଡ ବକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧନ ଶିବିର ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ ର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୪ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୨୮ ଗୋଟି ଓ ସାମୂହିକ ୫ ଗୋଟି ରହିଥିବା ବେଳେ ୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ପୋଲିସ କେଶ୍, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରଓ୍ୱାଲ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧର୍ମଗଡ଼ ଡ଼ୋଲାମଣୀ ଭୋଇ, ସ୍ଥାନୀୟ ବ୍ଲକ ଅଧକ୍ଷକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା କାଶୀନଗର ବ୍ଲକ ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରଓ୍ୱାଲ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି କାଶୀନଗର ପଞ୍ଚାୟତ ସମିତିର ସମୁଦାୟ ମୋଟ-୬୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା -୨୮ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୧୬ଜଣଙ୍କୁ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ସାମିଲ୍ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ବାଲା ସାୟାମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, ତହସିଲଦାର ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ପ୍ରେମିକାଙ୍କୁ ପାଇବା ପାଇଁ ୪ କିମି ରାସ୍ତାରେ ଗଡ଼ିଲେ ପ୍ରେମିକ

ରାୟଗଡ଼ା, (ମହାଭାରତ) : ଏଭଳି ରୋଚକ ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଅମ୍ଳାଭଟା କପିଳେଶ୍ୱର ମନ୍ଦିରରେ ଦେଖିବାକୁ ମିଳିଥିଲା। ଆଜି ପବିତ୍ର ମହା ଶିବରାତ୍ର ଅବସରରେ ମୁନିଗୁଡା ବ୍ଲକ ଇଚ୍ଛାପୁର ପଂଚାୟତ ଡାଙ୍ଗବାଡ଼ି ଗ୍ରାମର ଗୁରୁଦାସ ଡଙ୍ଗରି ଓ ମରିଚ ଡଙ୍ଗରିଙ୍କ ପୁଅ ଲୋକନାଥ ଡ଼ଙ୍ଗରି ଜଣେ ଯୁବତୀଙ୍କୁ ପ୍ରେମ କରୁଛନ୍ତି ଏବଂ ଅଜଣାରେ ଗୋଟିଏ ଭୁଲ ହୋଇଯାଇଛି। ସେହି ଭୁଲକୁ ସୁଧାରିବା ପାଇଁ ଲୋକନାଥ ଏଭଳି ପଦକ୍ଷେପ ନେଇଥବା ଜଣାପଡିଛି । ନିଜ ପ୍ରେମକୁ ପାଇବା ପାଇଁ ଡାଙ୍ଗବାଡ଼ି ଗ୍ରାମ ଠାରୁ ଅମ୍ଳାଭଟା ଶିବ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତା ଗଡ଼ିଗଡ଼ି ଆସି ଶିବଙ୍କୁ ଦର୍ଶନ କରି ମାନସିକ କରିଥିଲେ । ପୁଅର ଏଭଳି ଶାଶ୍ୱତ ପ୍ରେମକୁ ସାର୍ଥକ କରିବା ପାଇଁ ଉଭୟ ପିତା ମାତା ଓ ସଂପର୍କୀୟ ରାସ୍ତାରେ ଗଡ଼ିଗଡ଼ି ଯାଉଥିବା ସମୟରେ ବସ୍ତ୍ର ପକାଇ ସହାୟତା କରୁଥିବା ମଧ ଦେଖିବାକୁ ମିଳିଛି ।

# ଗଞ୍ଜାମରେ ୮୮% ଧାନ କ୍ରୟ; ଡିବିଟି ମାଧ୍ୟମରେ ୧୦୫୫ କୋଟି ଡିପୋଜିଟ୍

ବ୍ରହ୍ମପୁର: ଗଞ୍ଜାମଜିଲ୍ଲା ରାଜ୍ୟର ସବୁଠାରୁ ବଡ଼ କୃଷିପ୍ରଧାନ ଜିଲ୍ଲାମାନଙ୍କ ମଧ୍ୟରୁ ଅନ୍ୟତମ। ଏଠାରୁ ପ୍ରତିବର୍ଷ ଲକ୍ଷାଧିକ ଚାଷୀଙ୍କ ଠାରୁ ବିପୁଳ ପରିମାଣରେ ଧାନ କ୍ରୟ କରାଯାଇଥାଏ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଗଞ୍ଜାମ ଜିଲ୍ଲା ପ୍ରଶାସନ, ଉପଖଣ୍ଡ ପ୍ରଶାସନ ଓ ବ୍ଲକ ପ୍ରଶାସନମାନଙ୍କ ପକ୍ଷରୁ ମଣ୍ଡିଗୁଡିକର ସୁପରିଚାଳନା, ସୁବିଧାରେ ପଞ୍ଜୀକରଣ, ତାସହ ତ୍ୱରିତ ଓ ସମୟୋଚିତ ଭାବେ ଚାଷୀମାନଙ୍କ ଖାତାକୁ ଆର୍ଥିକ ପ୍ରାବଧାନ ପହଞ୍ଚାଇବାକୁ ବିଭିନ୍ନ ସମୟଉପଯୋଗୀ ବ୍ୟବସ୍ଥା କରାଯାଇଛି। ଫଳ ସ୍ୱରୂପ, ଗଞ୍ଜାମ ଜିଲ୍ଲା ଚଳିତ ଧାନ କ୍ରୟ ଋତୁରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି।ଜିଲ୍ଲାରେ ମୋଟ ୫୪,୪୬,୨୦୧ କ୍ୱିଣ୍ଟାଲ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୪୭,୯୮,୫୮୮ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇ ପ୍ରାୟ ୮୮ ପ୍ରତିଶତ ଲକ୍ଷ୍ୟ ଆଜି ତାରିଖ ସୁଦ୍ଧା ହାସଲ କରାଯାଇପାରିଛି। ଏହାଠାରୁ ଅଧିକ ସ୍ୱାଗତଯୋଗ୍ୟ କଥା ଏହିକି ଯେ, ୧,୨୧,୮୧୬ ଜଣ ଚାଷୀଭାଇଭଉଣୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧ୍ୟମରେ ୧୦୫୫ କୋଟିରୁ ଅଧିକ ଟଙ୍କା ପହଂଚିସାରିଛି । ବିଗତ ବର୍ଷ ଗୁଡିକ ତୁଳନାରେ ଅଧିକ କ୍ଷିପ୍ର ଗତିରେ ଏ ବର୍ଷ ଧାନ କ୍ରୟ ପ୍ରକ୍ରିୟା ଆଗେଇ ଚାଲିଛି। ତେଣୁ, ଚାଷୀଭାଇଭଉଣୀମାନଙ୍କ ମଧ୍ୟରେ ମୋଟାମୋଟି ଭାବରେ ଆନନ୍ଦ ପରିଲକ୍ଷିତ ହେଉଛି। ଏହି ଏକ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ ପ୍ରାବଧାନ ଜିଲ୍ଲାର ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା ସହିତ ଅନ୍ନଦାତା ଚାଷୀଭାଇଭଉଣୀମାନଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରିପାରିଛି। ସୁଚିନ୍ତିତ ପରିକଳ୍ପନା, ନିରନ୍ତର ନିରୀକ୍ଷଣ, ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ସମନ୍ୱୟ।ମୂଳକ ପଦକ୍ଷେପ ଫଳରେ ଏହି ଆଖିଦୃଶିଆ ସ ଫ ଳ ତ । ମି ଳି ପା ରି ଛି ।ଅନ୍ନଦାତା ଚାଷୀଭାଇଭଉଣୀମାନଙ୍କର ଯେ କୌଣସି ସମସ୍ୟାକୁ ଜିଲ୍ଲା ପ୍ରଶାସନ ସବୁବେଳେ ଗୁରୁତ୍ୱର ସହିତ ଗ୍ରହଣ କରିଛି। ଜିଲ୍ଲାପାଳଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଧାନ କ୍ରୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି । ଗଞ୍ଜାମ ଏକ ବିଶାଳ ଜିଲ୍ଲା ହୋଇଥିବା ସ□, ନିୟମିତ ସମୀକ୍ଷା ବୈଠକ, ଗଣମାଧ୍ୟମରେ ପ୍ରକାଶିତ



ଖବର ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ମଣ୍ଡି ପର୍ଯ୍ୟବେକ୍ଷଣ ଏବଂ ପ୍ୟାକ୍ସ ଓ ସମ୍ବନ୍ଧିତ ସଂସ୍ଥାମାନଙ୍କ ସହ ସମନ୍ୱୟ ମାଧ୍ୟମରେ ବିଭିନ୍ନ ବାଧାବିଘ୍ନକୁ ଦୂର କରାଯାଇଆସିଛି ଯାହା ଫଳରେ ୮୮ ପ୍ରତିଶତ ଧାନ କ୍ରୟ ହୋଇସାରିଛିୟ ଆଉ ବଳକା ଧାନ ଖୁବ ଶୀଘ୍ର କ୍ରୟ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଭି କୀର୍ତ୍ତି ୱାସନ୍ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ ଓ ଲାଭାନ୍ୱିତ କରିବା ସହିତ ସୁଚାରୁ ଭାବରେ ଧାନ କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି, ବୋଲି ସେ ଉଲ୍ଲେଖ କରିଛନ୍ତି। ବିଭାଗୀୟ ସୂଚନା ଅନୁଯାୟୀ, ଗଂଜାମ ଜିଲ୍ଲାରେ ୧,୫୬,୭୧୩ ଜଣ ପଂଜିକୃତ ଚାଷୀଙ୍କ ମଧ୍ୟରୁ ୧,୩୦,୧୪୦ ଜଣ ଧାନ ବିକ୍ରୟ କରିସାରିଛନ୍ତି । ସର୍ବମୋଟ ୫୪,୪୪,୬୫୧.୫୪ କ୍ୱି□ାଲ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲାବେଳେ ୪୭,୭୪,୨୧୦.୬୮ କ୍ୱିଣ୍ଟାଲ କ୍ରୟ ହୋଇସାରିଛି ଯାହା ମୋଟ ଶତାଂଶର ୮୭.୬୯ ପ୍ରତିଶତ ଅଟେ ।

## ଗଛକୁ ପିଟିଲା ବାଇକ୍, ଜଣେ ମୃତ, ୨ ମହିଳା ଗୁରୁତର

ରାୟଗଡ଼ା : ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ବୋରିଖାଲ ଛକ ନିକଟରେ ଏକ ବାଇକ୍ ଗଛକୁ ପିଟିଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୨ ଜଣ ମହିଳା ଗୁରୁତର ଆହାତ ହୋଇଛନ୍ତି। ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣଙ୍କ ହେଲେ ମେଘ ବଡସେଠ। ମୃତକଙ୍କ ସ୍ତ୍ରୀ ଆମ୍ବା ବଡସେଠ ଓ ଅନ୍ୟ ଜଣେ ମହିଳା ସୁନାମା ପଲକିଆ ଗୁରୁତର ଆହତ ହୋଇଥିବା ଜଣାପଡିଛି ।ସୂଚନା ଅନୁଯାୟୀ ମେଘ ବଡ଼ସେଠ ତାଙ୍କ ସ୍ତ୍ରୀ ଓ ଅନ୍ୟ ଜଣେ ମହିଳାଙ୍କ ସାଥିରେ କିଛି ମେଡ଼ିସିନ ପାଇଁ ଆମ୍ବାଦଳାରୁ ସୁବର୍ଣ୍ଣଗିରି ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲେ। ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଗୁରୁତରଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିବା ବେଳେ ଡାକ୍ତର ଉଭୟଙ୍କୁ ଚିକିତ୍ସା କରୁଥିବା ଜଣାପଡିଛି ।ମୃତ ମେଘ ବଡ଼ସେଠ ଓ ଗୁରୁତର ଆମ୍ବା ବଡ଼ସେଠ ଉଭୟ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ସୁବର୍ଣ୍ଣଗିରିର ବୋଲି ଜଣାପଡ଼ିଥିବା ବେଳେ ଅନ୍ୟ ଗୁରୁତର ଜଣଙ୍କ ଅମ୍ବାଦଳା ଥାନା ବଡ଼ସାହିର ସୁନାମା ପଲକିଆ ବୋଲି ଜଣାପଡିଛି। ଘଟଣାସ୍ଥଳରେ ମୁନିଗୁଡା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ଜଣାପଡିଛି। ମୁନିଗୁଡ଼ା ପୁଲିସ ଘଟଣାରେ ଅଧିକ ତଦନ୍ତ କରୁଛି।

## ବିଦ୍ୟାର୍ଥୀମାନେ ଏକାଗ୍ରତାର ସହ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ




ଆସିକା,(ମହାଭାରତ): ଶିକ୍ଷାର ବିକାଶ ଲାଗି ଆସିକା ସହରର ଗାୟତ୍ରୀ ନଗରରେ ସ୍ଥାପିତ ହୋଇଥିବା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ପରିସରରେ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାମନ୍ଦିର ସମ୍ପାଦକ କମଳେନ୍ଦୁ ହୋତା, ସହସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ, ପ୍ରଧାନ ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ଗୁରୁମା କାଦମ୍ବିନୀ ହୋତା, ଲିନା କୁମାରୀ ସ୍ୱାଇଁ, ସୁନିତା ମହାପାତ୍ର,ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର,କେ.ମାଧବି ଆଚାରୀ,ସନ୍ତୋଷି କୁମାରୀ ସାହୁ,ଶୀବାନି ମିଶ୍ର,ରାଜେଶ କୁମାର ସ୍ୱାଇଁ,ରୋଶନୀ ଲେଙ୍କା ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଏକାଗ୍ରତା, ଧୈର୍ଯ୍ୟ ଓ କଠିନ ପରିଶ୍ରମରେ ସଫଳତା ମିଳିଥାଏ, ତେଣୁ ଛାତ୍ରଛାତ୍ରୀମାନେ ଭଲ ପାଠପଢି ପିତାମାତା ଓ ଗୁରୁଜନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ନିଜ ପ୍ରତିଭାର ସୁରଭି ଯେପରି ସମସ୍ତେ ଅନୁଭବ କରିପାରିବେ ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଆଗାମୀ ପରୀକ୍ଷାରେ ଭଲ ଫଳ ପ୍ରଦର୍ଶନ କରିବାକୁ ଆହ୍ୱାନ କରି ଶିକ୍ଷାନୁଷ୍ଠାନର ସୁନାମକୁ ଅକ୍ଷୁର୍ଣ୍ଣ ରଖିବାକୁ ମାର୍ଗଦର୍ଶନ କରିବା ସହ ଶିକ୍ଷା ଛାତ୍ରଛାତ୍ରୀଙ୍କର ଜୀବନର ମେରୁଦଣ୍ଡ ଓ ଦିଗଦର୍ଶକ ହୋଇଥିବାରୁ ପରୀକ୍ଷାଭିମୁଖୀ ବିଦ୍ୟାର୍ଥୀମାନେ ଆଗାମୀ ଜୀବନକୁ ସୁଫଳ ତଥା ଉଜ୍ଜଳମୟ କରିବା ଏବଂ ଗୁରୁଜନଙ୍କ ଆଶୀର୍ବାଦ ଓ ପ୍ରେରଣା ନେଇ ଭବିଷ୍ୟତ ପାଇଁ ଅଗ୍ରସର ହେବାକୁ ଆହ୍ୱାନ କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏହି ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ,ଗୁରୁଜୀ, ଗୁରୁମା ଓ କର୍ମଚାରୀମାନଙ୍କ ମାର୍ଗଦର୍ଶନ ଓ ପ୍ରେରଣା ସାଙ୍ଗକୁ ପାଠପଢା ସମୟର ସ୍ମୃତି ଓ ଅନୁଭୁତି ସଦାସର୍ବଦା ସ୍ମରଣୀୟ ହୋଇରହିବ ବୋଲି ପ୍ରକାଶ କରିଥିଲେ । ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ପକ୍ଷରୁ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପରି ଚାଳନା କରିବା ଦିଗରେ ଶିକ୍ଷାନୁଷ୍ଠାନର କର୍ମଚାରୀ ଶଶୀ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲା ବେଳେ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା।

## ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଜାତୀୟ ସେବା ଯୋଜନା ତରଫରୁ ପର୍ଯ୍ୟାବରଣ ପାଠଶାଳା ଅନୁଷ୍ଠିତ

ବିଷମକଟକ, :ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ,ବିଷମକଟକ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ପର୍ଯ୍ୟାବରଣ ପାଠଶାଳା ଏକ ଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପାଠଶାଳାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଉମାଶଙ୍କର ନେମାଲ ପୁରୀ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରି ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ପାଠଶାଳା ବିଷୟରେ ଦୃଷ୍ଟି ଆକର୍ଷଣ କରାଇଥିଲେ। ଏହା ସହ ଅନୁଷ୍ଠାନ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ କେଦାର ସାହୁକାର, ଇଂରାଜୀ ବିଭାଗର ଅଧ୍ୟାପକ ଦୟାନିଧି ବାଙ୍ଗାରି ଯୋଗ ଦେଇ ପରିବେଶ ସୁରକ୍ଷା ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପାଠଶାଳାକୁ ପରିଚାଳନା କରିଥିଲେ ଜାତୀୟସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ରସାୟନ ବିଜ୍ଞାନର ଅଧ୍ୟାପକ କର୍ମେନ୍ଦ୍ର ସାହ।

## ଭଦ୍ରକରେ ବିଜେଡିର ବିଶାଳ ପ୍ରତିବାଦ ସଭା

ଭଦ୍ରକ : ଭଦ୍ରକ ଜିଲ୍ଲାରେ ଚାଷୀମାନେ ହଇରାଣ ହେବାକୁ ନେଇ ବିଜେଡି ବିଶାଳ ଚାଷୀ ସମାବେଶର ଆୟୋଜନ କରିଛ। ହଜାର ହଜାର ଲୋକ ଓ ଦଳୀୟ ନେତା ଏହି ସମାବେଶରେ ଯୋଗଦେଇ ମୋହନ ମାଝୀ ସରକାର ଡାଉନ୍ ଡାଉନ୍ ସ୍ଲୋଗାନ ଦେଇ ସ୍ଥାନୀୟ ଗାନ୍ଧୀ ପଡ଼ିଆ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ପହଞ୍ଚି ଥିଲେ। ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରି ଏହି ମୂଲ୍ୟରେ ଚାଷୀଙ୍କ ଠାରୁ ଧାନ ନ କିଣି ଚାଷୀଙ୍କ ଧାନ ଟଙ୍କାକୁ ମିଲରମାନଙ୍କ ଜରିଆରେ ଲୁଟି ନେବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ।ଏଫ୍ଏକ୍ୟୁ ମାନର ଧାନ ନୁହେଁ କହି ପ୍ରତି କୁଇଣ୍ଟାଲ ଉପରେ ୮ରୁ ୧୦ କିଲୋ ଧାନ କାଟି ନେବା, ମଣ୍ଡିରେ ଧାନ ଧରି ରାତି ରାତି ଲୋକେ ଜଗି ରହିବା, ଚାଷୀଙ୍କୁ ଟୋକନ ଦେଇ ସେମାନଙ୍କ ଠାରୁ ଧାନ ନ କିଣିବା, କିଛି ଚାଷୀଙ୍କର ଧାନ ନେଇ ମଧ୍ୟ ସେମାନଙ୍କୁ ଠିକ ସମୟରେ ଟଙ୍କା ପୈଠ ନକରିବା ଭଳି ସମସ୍ୟା ଭଦ୍ରକ ଜିଲ୍ଲାରେ ଦେଖା ଦେଇଛି। ଭଦ୍ରକ ଜିଲ୍ଲାରେ ଚାଷୀର ଦୁଃଖ ବୁଝିବାରେ ବିଜେପି ସରକାର ବିଫଳ ହେବା ପରେ ବିଜେଡି ଏହାର ପ୍ରତିବାଦ କରି ରାଜରାସ୍ତାକୁ ଆସି ପ୍ରତିବାଦ କରିଛି। ଚାଷୀର ହକ ପାଇଁ ବିଜେଡିର ଏହି ଲଢେଇ ବୋଲି ବିଜେଡିର ଏହି ସମାବେଶରେ ଯୋଗଦେଇଥିବା ଜିଲା ବିଜେଡି ସଭାପତି ବିଧାୟକ ବ୍ୟୋମକେଶ ରାୟ ପ୍ରକାଶ କରିଛନ୍ତି।ପ୍ରତିବାଦ ସଭାରେ ଅଧ୍ୟକ୍ଷତା କରି ଡ ରାୟ କହିଲେ ଚାଷୀର ସ୍ୱାର୍ଥ ପାଇଁ ବିଜେଡି ସବୁବେଳେ ଠିଆ ହୋଇଛି। ଆଗାମୀ ଦିନରେ ମଧ ଠିଆ ହେବ। ବିଜେପି ସରକାରକୁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଲୋକେ ବାୟ ବାୟ କରିବେ। ଏ ସରକାର ଏକ ଅପାରଗ ସରକାର ବୋଲି ଲୋକେ ଜାଣି ସାରିଲେଣି। ଏ ସରକାରକୁ ଆଗାମୀ ଦିନରେ ଲୋକେ ପ୍ରତ୍ୟାଖ୍ୟାନ କରିବେ ବୋଲି ବିଧାୟକ ଡ୍ ରାୟ ପ୍ରକାଶ କରୁଥିଲେ। ଏହି ପ୍ରତିବାଦ ସଭାରେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ ବିଜେଡି ସବୁବେଳେ ଚାଷୀ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ କାମ କରି ଆସୁଛ। ଚାଷୀଙ୍କୁ ତାଙ୍କ ଧାନର ଉପଯୁକ୍ତ ପ୍ରାପ୍ୟ ଦିଆଯାଉ। ପ୍ରତିବାଦ ସଭାରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ କହିଲେ ସରକାର, ମିଲର, ଯୋଗାଣ ବିଭାଗ, ଆରଏମସିର ମିଳି ଭଗତରେ ଚାଷୀର ଧାନ ଟଙ୍କାକୁ ମାରି ଖାଇଯିବାକୁ ଚାଲିଛି ଚକ୍ରାନ୍ତ।

## ନିଶାଡ଼ିଙ୍କ ନୂଆ ନିଶା, ପିଉଛନ୍ତି ହୋମିଓପାଥି ନେର୍ଭ ଟନିକ୍

ନବରଙ୍ଗପୁର : ନବରଂଗପୁର ଜିଲ୍ଲା ଏବେ ନକଲି ଔଷଧ ଓ ନିଶା ଔଷଧ କାରାବାରର ପେଣ୍ଠସ୍ଥଳୀ ପାଲଟିଛି। ନକଲି ଔଷଧ ସହିତ ବିଭିନ୍ନ ପ୍ରକାରର ନିଶା ସାମଗ୍ରୀର କାରାବାର ବେଧଡ଼କ ଚାଲିଥିବା ବେଳେ ଡ୍ରଗ୍ସ କଣ୍ଟ୍ରୋଲର କିମ୍ବା ପୁଲିସ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ସହରର ବିଭିନ୍ନ ବସ୍ତି ଅଂଚଳର ନାବାଳକ ମାଳେ ବ୍ୟାପକ ଭାବେ କଫସିରପ୍, ସଲ୍ୟୁସନ, ଇରାଜେକ୍ସ ଆଦି ନିଶା ସହ ଔଷଧ ଦୋକାନ ଗୁଡିକରୁ ନିଶା ବଟିକା ବି କିଣି ଖାଉଥିଲେ। ଏବେ ନିଶାଡ଼ିଙ୍କ ନୂଆ ନିଶା ହୋମିଓପାଥିର ନେର୍ଭ ଟନିକ ନେରିଭଲପ୍ଲସ (୧୦୦ଏମଏଲ)କୁ ପିଉଥିବା ଦେଖିବାକୁ ମିଳିଛି।



ରଙ୍ଗାମଟିଗୁଡ଼ା ସହ ସହରର କିଛି ବସ୍ତି ଅଂଚଳରେ ଏଭଳି ବୋତଲ ଦେଖିବାକୁ ମିଳିଛି ।ନବରଂଗପୁର ଜିଲ୍ଲାର ବିଭିନ୍ନ ଔଷଧ ଦୋକାନ ଗୁଡ଼ିକରେ ଛତିଶଗଡ଼, ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର ଅଂଚଳରୁ ବ୍ୟାପକ ଭାବେ ନକଲି ଔଷଧ ସହ ନିଶା ଔଷଧ ଆସୁଛି। ରୋଗୀ କିମ୍ବା ରୋଗୀଙ୍କ ସଂପର୍କୀୟ ମାନେ ଏହା ଅସଲି ନା ନକଲି ଜାଣିବା ମୁସ୍କିଲ। ଔଷଧ ଦୋକାନୀ ଲାଭଖୋର ମନୋବୃତ୍ତି ନେଇ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। କିଛି ମୁନାଫାଖୋର ଔଷଧ ମାଫିଆ ଏହି ନକଲି ଔଷଧର ଜାଲ ବିଛାଇଥିବା ଜଣାପଡ଼ିଛି। ଔଷଧ ଦୋକାନ ଗୁଡ଼ିକ ଉପରେ ଡ୍ରଗ୍ସ, ଅବକାରୀ ଓ ପୁଲିସ ପକ୍ଷରୁ କେବେ ମଧ ଚଢ଼ଉ କରିବା ନଜିର ନାହିଁ ।ଅନ୍ୟପକ୍ଷରେ ଗୋଟିଏ ଔଷଧ ଦୋକାନରେ ଫାର୍ମାସିଷ୍ଟ ବସିବା ବାଧ୍ୟତାମୂଳକ ହୋଇଥିବା ବେଳେ ଜଣେ ଜଣେ ଫାର୍ମାସିଷ୍ଟଙ୍କ ନାଁରେ ଏକାଧିକ ଔଷଧ ଦୋକାନ ଚାଲିଛି। ଏପରିକି କିଛି ଫାର୍ମାସିଷ୍ଟ ସରକାରୀ ଚାକିରି କରିବା ପରେ ବି ତାଙ୍କରି ନାଁ ଏବଂ ଲାଇସେନସରେ ଖୋଲାଯାଉଛି ଔଷଧ ଦୋକାନ। ଅପରପକ୍ଷରେ ସହରର ବିଭିନ୍ନ ବସ୍ତି ଅଂଚଳର ନାବାଳକ ମାଳେ ବ୍ୟାପକ ଭାବେ କଫସିରପ୍, ସଲ୍ୟୁସନ, ଇରାଜେକ୍ସ ଆଦି ନିଶା ସହ ଔଷଧ ଦୋକାନ ଗୁଡିକରୁ ନିଶା ବଟିକା ବି କିଣି ଖାଉଛନ୍ତି। ନିଶା ବଟିକା ଓ ନକଲି ଔଷଧ ନିୟମିତ ବିଭିନ୍ନ ବସରେ ପଶ୍ଚିମ ଓଡ଼ିଶା, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ଛତିଶଗଡ଼ରୁ ଆସୁଥିବା ଜଣେ ଔଷଧ ଦୋକାନୀ କହିଛନ୍ତି ।ଜିଲ୍ଲାର ଅଧିକାଂଶ ଔଷଧ ଦୋକାନରେ ନକଲି ଔଷଧ ବିକ୍ରି କରୁଛନ୍ତି ବୋଲି କହିଛନ୍ତି। କେନ୍ଦ୍ର ଓ ରାଜ୍ୟସରକାର କିଛି ଅଲକଅଲ୍ ରହିତ ଥିବା ଔଷଧ ଗୁଡ଼ିକ ନିଷେଦ୍ଧ କରିବା ପରେ ନିଶାଡ଼ିମାନେ ନୂଆ ନୂଆ ନିଶା ଖୋଜି ପିଉଛନ୍ତି। ଏହି ହୋମିଓପାଥି ନେରିଭଲପ୍ଲସ ସିରଫରେ ୪୦ପ୍ରତିଶତ ଅଲକହଲ୍ ଥିବା ବି ଦେଖିବାକୁ ମିଳିଛି। ଆଲକହଲ୍ ପରିମାଣ ଅଧିକା ଥିଲେ ଦୁଇରୁ ତିନୋଟି ପିଇଲେ ନିଶା ହୋଇଯିବ ବୋଲି କହିଛନ୍ତି ହୋମିଓପାଥୀ ଡାକ୍ତର ଡ.ପଙ୍କଜ ପଟ୍ଟନାୟକ।

## ପେଡାଗଡି ରେଡ ଟେନିସ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ

ଉଦଳା ( ମହାଭାରତ )-: କପ୍ତିପଦା ବ୍ଲକ ଅନ୍ତର୍ଗତ ତିନିଦିନିଆ ପେଡାଗଡି ରେଡ ଟେନିସ କ୍ରିକେଟ ଟୁର୍ନାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି ।ତିନିଦିନ ଧରି ଚାଲି ଥିବା ଏହି ଟୁର୍ନାମେଣ୍ଟରେ ମୋଟ ଆଠ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆଜି ଫାଇନାଲ ମ୍ୟାଚ ସୋଲଗୋଡ଼ିଆ କ୍ରିକେଟ ଟିମ ଏବଂ ନିଉ ଷ୍ଟାର ଇଲେଭେନ ମଧ୍ୟ ରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ ଜିତି ସୋଲଗୋଡ଼ିଆ ଟିମ ୧୫ ଓଭର ରେ ୧୬୨ ରନ ସଂଗ୍ରହ କରିଥିବା ବେଳେ ନିଉ ଷ୍ଟାର ଇଲେଭେନ ଟିମ ୧୪ ଓଭର ୩ ଗୋଟି ବଲ ରେ ୧୬୪ ରନ କରି ମ୍ୟାଚ ଟିକୁ ଜିତିନେଇ ଚଳିତ ବର୍ଷ ଚମ୍ପିୟନ ହୋଇଥିଲା । ନିଉ ଷ୍ଟାର ଇଲେଭେନ ର କ୍ୟାପଟେନ ଆୟୁଷ କୁମାର ଦାସ ୩୩ ବଲ ରେ ୮୨ ରନ କରିବା ସହ ମ୍ୟାନ ଅଫ ଦା ପୁରସ୍କାର ପାଇଥିବା ବେଳେ ସୋଲଗୋଡ଼ିଆ ଟିମ ର କ୍ୟାପଟେନ ସଂଜୀବ କୁମାର ବିଶ୍ୱାଳ ପ୍ଲେୟାର ଅଫ ଦା ମ୍ୟାଚ ରେ ପୁରସ୍କୃତ ହୋଇଥିଲେ । ଆଜିର ଫାଇନାଲ ଖେଳ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ□ ମନୋରଞ୍ଜନ ଡାକୁଆ ଏବଂ ଉଦଳା ନିର୍ବାଚନ ମଣ୍ଡଳି ର ଯୁବ ନେତା ତଥା ସମାଜସେବୀ କଲ୍ଲୋଳ ସିଂ ଯୋଗ ଦେଇ ବିଜେତା ଏବଂ ଉପବିଜେତା ଟିମ କୁ ପୁରସ୍କାର ବିତରଣ କରିଥିଲେ । ଜ୍ୟୋତିସଙ୍କର ରାଉତ,ଅନ୍ତର୍ଯାମୀ ନାୟକ, ଦିବ୍ୟରଞ୍ଜନ ଦଳେଇ,ସାବ୍ୟସାଚି ଦାସ, ସମ୍ବିତ କୁମାର ମୁଦୁଲି,ଶ୍ରୀନିବାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମହେନ୍ଦ୍ରଗିରିରେ ମହାଶିବରାତ୍ରୀ ଜାଗର ମହା ସମାରୋହରେ ପାଳିତ



-ଗଜପତି ଜିଲ୍ଲା ବିଭିନ୍ନ ପୌରାଣିକ କିମ୍ବଦନ୍ତୀର ମୁକସାକ୍ଷୀ ୟଏହି ମହେନ୍ଦ୍ରଗିରି ପର୍ବତ ଗଜପତି ଜିଲ୍ଲାରେ ଅବସ୍ଥିତ।ପ୍ରତ୍ୟେକ ବର୍ଷ ଭଳି ଏହିବର୍ଷ ମହାଶିବରାତ୍ରୀର ପୂର୍ବ ରାତି ଠାରୁ ମହେନ୍ଦ୍ରଗିରି ଠାରେ ଭକ୍ତଙ୍କ ସମାଗମ ହୋଇଥିଲ। ସାରା ଭାରତରେ ମହା ଶିବରାତ୍ରରେ ହିଁ ଭକ୍ତମାନେ ଜାଗର ପାଳିଥାନ୍ତି କିନ୍ତୁ ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଠାରେ ଶିବରାତ୍ର ପୂର୍ବ ରାତ୍ରରେ ଜାଗର ପାଳନ କରାଯାଏ। ଏଥିପାଇଁ ପୂର୍ବ ଦିନରୁ ମହେନ୍ଦ୍ରଗିରି ଚଳଚଞ୍ଚଳ ହେବା ସହ ହଜାର ହଜାର ଭକ୍ତ ମହେନ୍ଦ୍ରଗିରିରେ ପହଞ୍ଚିଥିଲେ। ସକାଳୁ ସୂର୍ଯ୍ୟ ଉଦୟ ଦେଖିବା ସହିତ ଭକ୍ତ ମାନେ ଶିବରାତ୍ରି ପାଳନ କରିଛନ୍ତି ।ସମସ୍ତ ଭକ୍ତ ଯେପରି ଶାନ୍ତି ଶୃଙ୍ଖଳାର ସହ ଭକ୍ତିପୂତ ଭାବେ ଜାଗର ପାଳନ କରିବେ ସେଥି ନିମନ୍ତେ ଗଜପତି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।ଏହି ମହେନ୍ଦ୍ରଗିରିରେ ବିରାଜିତ ଅନେକ ସୁନ୍ଦର ପ୍ରାଚୀନ ମନ୍ଦିର, ଯୁଧିଷ୍ଠୀର ମନ୍ଦିର, କୁନ୍ତୀ ମନ୍ଦିର,ଭୀମ ମନ୍ଦିର, ଅର୍ଜୁନ ଗୁମ୍ଫା, ପର୍ଶୁରାମମନ୍ଦିର, ଦାରୁବ୍ରହ୍ମ,ଗୋକର୍ଣ୍ଣେଶ୍ୱର ମନ୍ଦିର ,ହନୁମାନ ପାଦ ଚିହ୍ନ ପ୍ରଭୃତି ରହିଛି। ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସମାଗମ ହୋଇଥିଲା ମହେନ୍ଦ୍ର ପର୍ବତ ଉପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ଥିଲା।

## ଶାନ୍ତି ଶକ୍ତି ଭବନରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ

ଆସିକା (ମହାଭାରତ)ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ଜ୍ଞାନ ମଣ୍ଡପରେ ୯୦ ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି କ୍ଷଆଜି ପ୍ରଭାତରୁ ରାଜଯୋଗ ଦ୍ୱାରା ବିଶ୍ୱକୁ ଶାନ୍ତିର ସକାଶ ପ୍ରଦାନ କରିବା ପରେ ସମସ୍ତ ବ୍ରହ୍ମାକୁମାରୀ ଭଉଣୀ ଭାଇ ଶିବ ସନ୍ଦେଶ ଯାତ୍ରାରେ ସହର ପରିକ୍ରମା କରିଥିଲେ ।ଏହି ଅବସରରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ସହରବାସୀଙ୍କୁ ତ୍ରିମୂର୍ତ୍ତି ଶିବ ଜୟନ୍ତୀର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିବ ପିତାଙ୍କ ଧ୍ୱଜା ଉତ୍ତୋଳନ କରିବା ପରେ ଶିବ ସନ୍ଦେଶ ଯାତ୍ରାକୁ ଶିବ ଧ୍ୱଜା ପ୍ରଦର୍ଶନ କରି ଆରମ୍ଭ କରିଥିଲେ ଆସିକା ଥାନାର ଭାରପ୍ରାପ୍ତ ଅଧିକାରୀ କୁଳମଣି ସେଠୀ । କାର୍ଯ୍ୟକ୍ରମ ପରିଚାଳନା ରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

## ବ୍ରହ୍ମାକୁମାରୀ ପାଠଶାଳା ପକ୍ଷରୁ ଶିବ ଜୟନ୍ତୀ ମହୋତ୍ସବ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଖଣ୍ଡପଡ଼ାସ୍ଥିତ ବ୍ରହ୍ମାକୁମାରୀ ପାଠଶାଳା ଆନୁକୁଲ୍ୟରେ ୯୦ତମ ତ୍ରିମୁର୍ତ୍ତୀ ଶିବ ଜୟନ୍ତୀ ମହୋତ୍ସବ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ସ୍ଥିତ ରାଜଯୋଗ ବ୍ରହ୍ମାକୁମାରୀ ପାଠଶାଳା ପ୍ରାଙ୍ଗଣରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ୍ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ଦିଲ୍ଲୀ ର ରାଜଯୋଗୀ ରାଜୁ ଭାଇ, ଲକ୍ଷ୍ନୌ ର ରାଜଯୋଗିନୀ ଅମିତା ବେହେନ, ଜଟଣୀ ର ଗୀତିକାର ରାଜଯୋଗୀ ଜାନକୀ ଭାଇ, କାଉନସିଲର ଚିତ୍ତ ରଞ୍ଜନ ଗୋଛି ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ । ରାଜଯୋଗ ବ୍ରହ୍ମକୁମାର ଡା. ଗୋପବନ୍ଧୁ ଭାଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜୟନ୍ତୀ ପାଳନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିଶଦ ଆଲୋକପାତ କରିବା ସହିତ ଈଶ୍ୱରୀୟ ସେବାରେ ସମର୍ପିତ ହେବା ପାଇଁ ସୁଚିନ୍ତିତ ପରାମର୍ଶ ମାନ ପ୍ରଦାନ କରିଥିଲେ ।ଇତ୍ୟବସରରେ ବି. କେ. ଭାଗ୍ୟଲକ୍ଷ୍ମୀ, ବି. କେ. ଭବଲକ୍ଷ୍ମୀ, ବି. କେ. ଦିଲ୍ଲୀପ ଭାଇ , ବଡମ୍ବା ର ବି. କେ. ବିଜୟ ଭାଇ ଓ ସାତପାଟଣା ଈଶ୍ୱରୀୟ ପରିବାର ପ୍ରମୁଖ ଉପସ୍ଥିତ ଥିଲେ ରବିବାର ଦିନ ମହାଶିବରାତ୍ରି ଉତ୍ସବ ପାଳନ କରାଯାଇଥିଲା।

## ବିଶ୍ୱବ୍ୟାପୀ ଡାଉନ ହେଲା 'ଏକ୍ସ'

ନୂଆଦିଲ୍ଲୀ: ଲୋକପ୍ରିୟ ସୋସିଆଲ ମିଡିଆ 'ଏକ୍ସ' ସୋମବାର ଡାଉନ୍ ରହିଥିଲା। ଭାରତଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ବିଶ୍ୱର ବିଭିନ୍ନ ଦେଶରେ ଏହାର ଆପ୍ ଓ ୱେବସାଇଟ୍‌କୁ ବ୍ୟବହାର କରିବା ସମ୍ଭବ ହୋଇନଥିଲା। ରିଫ୍ରେସ୍ କଲେ ମଧ୍ୟ ଫିଡ୍ ଲୋଡ୍ ହେଉନଥିଲା। ଲୋକମାନେ କୌଣସି ପୋଷ୍ଟ କରିପାରୁନଥିଲେ। ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କଙ୍କ ଦ୍ୱାରା ପରିଚାଳିତ ଏହି କମ୍ପାନିରେ ଦେଖାଦେଇଥିବା ବିଭ୍ରାଟ ସମ୍ପର୍କରେ ଲୋକମାନେ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ସୂଚନା ଦେଇଥିଲେ। ଭାରତରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଆରମ୍ଭ ହୋଇଥିବାରୁ 'ଏକ୍ସ'ରେ ଏଭଳି ବିଭ୍ରାଟ ଅନେକଙ୍କୁ ଚିନ୍ତାରେ ପକାଇ ଦେଇଛି। ସେମାନେ ସମ୍ମିଳନୀ ସମ୍ପର୍କିତ ଅପଡେଟ୍ ପୋଷ୍ଟ କରିପାରୁନଥିବାରୁ ବିରକ୍ତ ହୋଇଛନ୍ତି। 'ଏକ୍ସ'ରେ ଲଗ୍ ଇନ୍ କରିବା ମଧ୍ୟ ସମ୍ଭବ ହେଉନଥିବା କିଛି ବ୍ୟବହାରକାରୀ ଅଭିଯୋଗ କରିଛନ୍ତି। 'ଏକ୍ସ'ରେ ବିଭ୍ରାଟ କିଛି ନୂଆ କଥା ନୁହେଁ। ଗତମାସରେ ଏଥିରେ ଏକାଧିକ ଥର ବିଭ୍ରାଟ ଘଟିଥିଲା। ଗତ ଜାନୁଆରି ୧୩ ଓ ୧୬ ତାରିଖରେ ବଡ଼ ଧରଣର ବିଭ୍ରାଟ ହୋଇଥିଲା। ଆଜିର ବିଭ୍ରାଟ ସମ୍ପର୍କରେ ଡାଉନ୍ ଡିଟେକ୍ଟରରୁ ମିଳିଥିବା ତଥ୍ୟ ଅନୁଯାୟୀ ଆମେରିକାରେ ୪୦ହଜାରରୁ ଅଧିକ ଓ ଭାରତରେ ୩୦୦୦ରୁ ଅଧିକ ବ୍ୟବହାରକାରୀ 'ଏକ୍ସ' ବିଭ୍ରାଟ ଦ୍ୱାରା ପ୍ରଭାବିତ ହୋଇଥିଲେ।

## ସ୍ନାପଡିଲ୍ ଉପରେ ୫ ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ: ଖେଳଣା ବିକ୍ରି କ୍ଷେତ୍ରରେ ବାଧ୍ୟତାମୂଳକ ଖେଳଣା (ଗୁଣବତ୍ତା ନିୟନ୍ତ୍ରଣ) ନିର୍ଦ୍ଦେଶନାମା ୨୦୨୦ ଏବଂ ଭାରତୀୟ ମାନକ ବ୍ୟୁରୋ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିବାରୁ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ଇ-କମର୍ସ କମ୍ପାନି ସ୍ନାପଡିଲ୍ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ସ୍ନାପଡିଲ୍ ଏହାର ପ୍ଲାଟଫର୍ମରେ ପାତରଅନ୍ତରମୂଳକ ବାଣିଜ୍ୟ ଅଭ୍ୟାସ ସହିତ ବିଆଇଏସ୍ ନିୟମ ପାଳନ କରୁ ନଥିବା ଖେଳନାର ଭ୍ରମିତ ପ୍ରଚାର କରିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସିସିପିଏର ମୁଖ୍ୟ କମିସନର ନିଧି ଖାରେ ଏବଂ କମିସନର ଅନୁପମ ମିଶ୍ରା ସ୍ନାପଡିଲ୍ (ଏସ୍ ଭେକ୍ଟର ଲିମିଟେଡ) ବିରୋଧରେ ଏ ସଂକ୍ରାନ୍ତ ଚୂଡ଼ାନ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହିତ ଭବିଷ୍ୟତରେ ସ୍ନାପଡିଲ୍ ଯେଭଳି ବିଆଇଏସ୍ ମାନଦଣ୍ଡ ପୂରଣ କରୁ ନଥିବା ଖେଳନା ବିକ୍ରି କରିବ ନାହିଁ ତାହାକୁ ନିଶ୍ଚିତ କରିବା ଲାଗି କୁହାଯାଇଛି। ଗ୍ରାହକମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ବ୍ୟବସ୍ଥା କରିବା ଲାଗି ଅଭିଯୋଗ ଶୁଣାଣି ଅଧିକାରୀଙ୍କ ଠିକଣା ଏବଂ ଯୋଗାଯୋଗ ନମ୍ବର ପ୍ରଦର୍ଶନ କରିବା ଲାଗି ମଧ୍ୟ କୁହାଯାଇଛି।

## ପେଟ୍ରୋଲ ପମ୍ପର ହୋର୍ଡିଂ ପଡ଼ି ଚାଲିଗଲା ସମାଜବାଦୀ ପାର୍ଟିର ନେତାଙ୍କ ଜୀବନ

ଉତ୍ତରପ୍ରଦେଶ : ଭୟଙ୍କର ଦୁର୍ଘଟଣାରେ ଜୀବନ ହାରିଲେ ସମାଜବାଦୀ ପାର୍ଟିର ନେତା । ଉତ୍ତର ପ୍ରଦେଶର ପ୍ରତାପଗଡରେ ହୋଇଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସମାଜବାଦୀ ପାର୍ଟିର ଜଣେ ବରିଷ୍ଠ ନେତା ପ୍ରାଣ ହରାଇଛନ୍ତି । ଘରଠାରୁ ମାତ୍ର ୫୦୦ ମିଟର ଦୂରରେ ଜୀବନ ଚାଲିଗଲା । ଖବର ଅନୁଯାୟୀ, ସମାଜବାଦୀ ପାର୍ଟିର ନେତା ଲାଲ ବାହାଦୁର ଯାଦବ ନିଜ କାରରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ଯାଉଥିଲେ। କିନ୍ତୁ ରାସ୍ତାରେ ଏକ ପେଟ୍ରୋଲ ପମ୍ପର ହୋର୍ଡିଂ ତାଙ୍କ କାର୍ ଉପରେ ପଡ଼ିଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଛି । ତେବେ ଲାଲ ବାହାଦୁରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହଜାର କେଜି ଓଜନରେ ହୋର୍ଡିଂ ପଡିବା ଯୋଗୁଁ ଘଟଣା ହିଁ ନେତାଙ୍କ ଜୀବନ ଚାଲିଯାଇଥିଲା । ତେବେ ଏସ ମସ୍ତ ଘଟଣା ସିସିଟିଭିରେ କଏଦ ହୋଇଛି । ପୋଲିସ ଏବଂ ପ୍ରଶାସନ ଘଟଣାର ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ସମୟରେ ସେ ନିଜେ କାର୍ ଚଳାଉଥିବା ପୋଲିସ କହିଛି ।

# ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖୁଥିବା ମହିଳାଙ୍କୁ ସୁପ୍ରିମ୍ କୋର୍ଟଙ୍କ ତାଗିଦ



ନୂଆଦିଲ୍ଲୀ: ସୋମବାର ଦିନ ସୁପ୍ରିମ୍ କୋର୍ଟ ପ୍ରେମ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ସମ୍ବନ୍ଧୀୟ ଏକ ମାମଲାରେ ଜାମିନ୍ ଆବେଦନ ଶୁଣାଣି କରି କଠୋର ମତାମତ ଦେଇଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ବେଞ୍ଚ ଜଣେ ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଶୁଣାଣି କରିଥିଲେ। ଅଭିଯୋଗ ଅନୁସାରେ, ସେ ବିବାହ କରିବାର ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ । ସେତେବେଳେ ସେ ପୂର୍ବରୁ ବିବାହିତ ଥିଲେ ଏବଂ ପରେ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ।

ଶୁଣାଣି ସମୟରେ ଜଷ୍ଟିସ୍ ନାଗରତ୍ନା କହିଥିଲେ ଯେ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିଲେ ବି ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ହୋଇପାରେ ଆମେ ପୁରୁଣା ଧାରଣାର, କିନ୍ତୁ ବିବାହ ପୂର୍ବରୁ ପୁଅ ଝିଅ ଅଜଣା ହୋଇଥାନ୍ତି। ସେମାନଙ୍କ ସମ୍ପର୍କ କେତେ ଗଭୀର ନଥାଏ । ବିବାହ ପୂର୍ବରୁ ସେମାନେ କିପରି ଶାରୀରିକ ସମ୍ପର୍କରେ ରହିପାରନ୍ତି ଆମେ ବୁଝି ପାରୁନାହୁଁ..." ବୋଲି ବେଞ୍ଚ କହିଛନ୍ତି ।

ସେଥିଲାଗି ବେଞ୍ଚ ପରାମର୍ଶ ଦେଇଛନ୍ତି କି ଆପଣମାନେ ଖୁବ ସତର୍କ ରହିବା ଦରକାର। ବିବାହ ପୂର୍ବରୁ କାହାକୁ ଅନ୍ଧ ଭାବେ ବିଶ୍ୱାସ କରିବା ଉଚିତ୍ ନୁହେଁ। ସୂଚନା ଅନୁସାରେ ଅଭିଯୋଗକାରିଣୀ ମହିଳା ଓ ଅଭିଯୁକ୍ତ ପୁରୁଷ ୨୦୨୨ରେ ଏକ ବିବାହ ସେବା ୱେବସାଇଟ୍ ମାଧ୍ୟମରେ ପରିଚିତ ହୋଇ ଥିଲେ। ଆଉ ପୁରୁଷ ଜଣକ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ । ଯାହା ଦୁବାଇ ପର୍ଯ୍ୟନ୍ତ ଲମ୍ବି ଥିଲା । ତେବେ ଅଭିଯୋଗ ପକ୍ଷ ଏହା ମଧ୍ୟ କହିଥିଲେ ଯେ ସେମାନଙ୍କ ଶାରୀରିକ ସମ୍ପର୍କର ଭିଡିଓ ମହିଳାଙ୍କ ଅନୁମତି ବିନା ରେକର୍ଡ କରାଯାଇଥିଲା । ସେଗୁଡ଼ିକୁ ବାହାରେ ଛାଡ଼ି ଦେବାକୁ ଧମକ ଦିଆ ଯାଇଥିଲା।

ତେବେ ଏକଥା ମଧ୍ୟ ସତ କି ମହିଳା ଜଣକ ଜାଣିଥିଲେ ଯେ ପୁରୁଷଟିଏ ପୂର୍ବରୁ ବିବାହିତ ଥିଲେ। ପୁଣି ଜାନୁଆରୀ ୨୦୨୪ରେ ପଞ୍ଜାବରେ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ଜଷ୍ଟିସ୍ ନାଗରତ୍ନା ପଚାରି ଥିଲେ ଯେ ବିବାହ ପୂର୍ବରୁ ସେ କାହିଁକି ଦୁବାଇକୁ ଗଲେ। ଏହାର ଉତ୍ତରରେ ସରକାରୀ ଓକିଲ କହିଥିଲେ ଯେ ଦୁଇଜଣ ବିବାହ ସାଇଟ୍ ?ରେ ପରିଚିତ ହୋଇ ବାହା ହେବାକୁ ଯୋଜନା କରୁଥିଲେ। ଜଷ୍ଟିସ୍ ପୁଣି କହିଥିଲେ, ଯଦି ମହିଳା ବାହା ହେବାକୁ ଇଚ୍ଛା କରିଥିଲେ ତେବେ ବିବାହ ପୂର୍ବରୁ ଦୁବାଇ ଯିବା ଉଚିତ୍ ନଥିଲା। ଆମେ ସେମାନଙ୍କୁ ମଧ୍ୟସ୍ଥତା ପାଇଁ ପଠାଇବୁ। ଯେଉଁଠାରେ ସହମତିରେ ସମ୍ପର୍କ ଗଢ଼ି ଉଠିଛି, ସେଥିରେ ସେମାନଙ୍କ ବିରୋଧରେ ଅପରାଧ ମାମଲା ଚାଲାଇ ଦଣ୍ଡିତ କରିବା ଉଚିତ ନୁହେଁ ବୋଲି ବେଞ୍ଚ କହିଛନ୍ତି । ବୁଧବାର ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

## ଇସ୍ତଫା ପ୍ରତ୍ୟାହାର କଲେ ଆସାମ କଂଗ୍ରେସ ପୂର୍ବତନ ମୁଖ୍ୟ ଭୁପେନ୍ ବୋରା

ଗୁଆହାଟୀ: ଆସାମ କଂଗ୍ରେସ ପୂର୍ବତନ ମୁଖ୍ୟ ଭୁପେନ୍ ବୋରାଙ୍କ ଇସ୍ତଫାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ଆଗକୁ ଆସାମରେ ବିଧାନସଭା ନିର୍ବାଚନ ଥିବାବେଳେ ବୋରା ସୋମବାର ଦଳରୁ ଇସ୍ତଫା ଦେବା ପରେ ଦଳର ଚିନ୍ତା ବଢ଼ିଯାଇଥିଲା। ବୋରା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ତାଙ୍କ ଇସ୍ତଫା ପତ୍ର ପଠାଇ ତାଙ୍କୁ ଦଳରେ ଅବହେଳା କରାଯାଉଥିବା ଏବଂ ରାଜ୍ୟରେ ଦଳ ପକ୍ଷରୁ ତାଙ୍କୁ ଯେତିକି ଗୁରୁତ୍ୱ ମିଳିବା କଥା ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ବର୍ତ୍ତମାନ ରାଜ୍ୟ କଂଗ୍ରେସ ମୁଖ୍ୟ ଥିବା ଗୌରବ ଗୋଗୋଇ ବୋରାଙ୍କ ଗୁଆହାଟୀ ବାସଭବନରେ ପହଞ୍ଚି ତାଙ୍କୁ ବୁଝାସୁଝା କରିଥିଲେ। ବୋରା ତାଙ୍କ ଇସ୍ତଫା ପ୍ରତ୍ୟାହାର କରିନେଇଥିବା ଆସାମ କଂଗ୍ରେସ ପକ୍ଷରୁ କୁହାଯାଇଛି। ରାହୁଲ ଗାନ୍ଧୀଙ୍କ ସହିତ ଫୋନ ମାଧ୍ୟମରେ ଆଲୋଚନା ପରେ ସେ ଇସ୍ତଫା ପ୍ରତ୍ୟାହାର କରି ନେଇଛନ୍ତି ବୋଲି କୁହାଯାଇଛି।

## ଅହମଦାବାଦ ଏବଂ ଭଦୋଦରାର ଅନେକ ସ୍କୁଲକୁ ବୋମା ଧମକ, ପିଲାମାନେ ଆତଙ୍କିତ



ଗୁଜରାଟ : ଗୁଜରାଟ ଅହମ୍ମଦାବାଦ ଏବଂ ଭଦୋଦରାର ଅନେକ ସ୍କୁଲକୁ ବୋମା ଧମକ । ବୋମା ଧମକ ନେଇ ସୂଚନା ଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ । ଅତିକମରେ ୨୮ ସ୍କୁଲକୁ ଇମେଲ୍ ମାଧ୍ୟମରେ ଧମକ ମିଳିଛି । ଭାରତକୁ ଖଲିସ୍ତାନରେ ପରିଣତ କରିବାକୁ ଉଲ୍ଲେଖ ରହିଛି । ଧମକପୂର୍ଣ୍ଣ ମେଲ୍ ମିଳିବା ପରେ ବଢିଲା ସୁରକ୍ଷା । ସନ୍ଧାନୀ କୁକୁର ଓ ବୋମା ଉଦ୍ଧାରକାରୀ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ କରାଯାଇଥିଲା ହେଲେ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା । ବରିଷ୍ଠ ପୋଲିସ ଅଧିକାରୀମାନେ କହିଛନ୍ତି ଯେ, ସୋମବାର ସକାଳ ପ୍ରାୟ ୭ଟାରେ ଆସିଥିବା ଏହି ଧମକପୂର୍ଣ୍ଣ ଇମେଲ୍ରେ ଅପରାହ୍ନ ୧.୧୧ ରେ ବୋମା ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା । ଅଧିକାଂଶ ସ୍କୁଲକୁ ଦିନକ ପାଇଁ ଛୁଟି ଘୋଷଣା କରାଯାଇଛି । ଅହମଦାବାଦର ୧୫ଟି ସ୍କୁଲକୁ ବୋମା ଧମକ ମିଳିଛି। ସେହିପରି ଭଦୋଦରାର ୧୩ଟି ସ୍କୁଲକୁ ବୋମା ଧମକ ମିଳିଛି। ସୋମବାର ସକାଳେ ଭଦୋଦରା ସହର ଏବଂ ଜିଲ୍ଲାର ୧୩ ରୁ ଅଧିକ ସ୍କୁଲକୁ ଏକକାଳୀନ ବୋମା ବିସ୍ଫୋରଣ ନେଇ ଧମକପୂର୍ଣ୍ଣ ଇମେଲ୍ ମିଳିଥିଲା, ଯାହା ପରେ ପୋଲିସ ସ୍କୁଲ କ୍ୟାମ୍ପସରେ ଯାଞ୍ଚ ଆରମ୍ଭ କରିଛି । ଭଦୋଦରାରେ ଡିଆର ଅମିନ ସ୍କୁଲ, ଉର୍ମି ସ୍କୁଲ, ନାଳନ୍ଦା ସ୍କୁଲ, ବାଗିଖାନାର ବରୋଦା ହାଇସ୍କୁଲ, ନବଯୁଗ ସ୍କୁଲ, ଜୀବନ ସାଧନା, ଶାନେନ ସ୍କୁଲ, ବ୍ରାଇଟ୍ ଡେ ସ୍କୁଲ, ଆତ୍ମୀୟ ବିଦ୍ୟାଳୟ, ଡନ୍ ବୋସ୍କୋ ମକରପୁରା, ବିଲ୍ଲାବଙ୍ଗ, ଅକ୍ସିଲିୟମ୍ କନଭେଣ୍ଟ, ଜେନିଥ୍ ସ୍କୁଲ, ଆମେରିକୀୟ ସ୍କୁଲ, ଏବଂ ଗ୍ରୀନ୍ ଭ୍ୟାଲି ସ୍କୁଲ, ଜିପିଏସ୍ ଏବଂ ଏଡବ୍ଲୁଏସ୍ ଡାଭୋଇକୁ ବୋମା ଧମକ ଦିଆଯାଇଥିଲା ।

## ୧୧ ମାସରେ ଆସିଲା ହାମ୍ପି ହରର ରାୟ, ୩ ଜଣଙ୍କୁ ମୃତ୍ୟୁଦଣ୍ଡ

କର୍ଣ୍ଣାଟକ : ୧୧ ମାସରେ ଆସିଲା ହାମ୍ପି ହରର ରାୟ । ଓଡ଼ିଆ ଯୁବକଙ୍କ ହତ୍ୟାକାରୀଙ୍କୁ ମିଳିଲା ମୃତ୍ୟୁ ଦଣ୍ଡ । ୨ ଜଣ ଯୁବତୀଙ୍କୁ ଗଣ ଦୁଷ୍କର୍ମ ଓ ଜଣଙ୍କୁ ହତ୍ୟା ମାମଲାରେ ୩ ଜଣଙ୍କୁ ମୃତ୍ୟୁଦଣ୍ଡ ମିଳିଛି । କର୍ଣ୍ଣାଟକର ସେସନ୍ସ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି । ତିନି ଅଭିଯୁକ୍ତ ହେଲେ ମାଲେଶ, ସାଇ ଓ ସରନପ୍ପା । କର୍ଣ୍ଣାଟକ ହାମ୍ପି ନିକଟ ସନପୁରାରେ ତୁଙ୍ଗଭଦ୍ରା କେନାଲ ନିକଟରେ ଦୁଷ୍କର୍ମ ଓ ହତ୍ୟା ଘଟଣା ଘଟିଥିଲା । ଗତ ବର୍ଷ ମାର୍ଚ୍ଚ ୬ ତାରିଖରେ ଓଡ଼ିଆ ଯୁବକ ବିଭାସ ନାୟକ ୨ ଜଣ ବନ୍ଧୁ ଏବଂ ଇସ୍ରାଏଲ ଯୁବତୀ ଓ ପେଇଂ ଗେଷ୍ଟ ଓନର ହାମ୍ପି ହ୍ରଦକୂଳକୁ ଯାଇଥିଲେ। ଏହି ସମୟରେ ବାଇକରେ ୩ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ



ଟଙ୍କା ମାଗିଥିଲେ । ଟଙ୍କା ନଦେବାରୁ ଦୁର୍ବୃତ୍ତମାନେ ବିଭାସଙ୍କ ସମେତ ୨ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ତୁଙ୍ଗଭଦ୍ରା ଦକ୍ଷିଣ କେନାଲକୁ ଫିଙ୍ଗିଦେଇଥିଲେ। ପରେ ଇସ୍ରାଏଲ ଯୁବତୀ ଓ ପିଜି ଓନରଙ୍କୁ ଗଣଦୁଷ୍କର୍ମ କରିଥିଲେ । ୨ଜଣ ଯୁବକ ଜୀବନ ରକ୍ଷା କରି କୂଳକୁ ଆସିପାରିଥିବା ବେଳେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ହୋଇଥିଲା । ମୃତକ ଜଣକ ଥିଲେ ଓଡ଼ିଶାର କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ିର ବିଭାସ ନାୟକ । ବିଦେଶୀ ମହିଳାଙ୍କୁ ଦୁଷ୍କର୍ମ ସହ ଜଣଙ୍କୁ ହତ୍ୟା ଘଟଣା, ସେତେବେଳେ ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ଗଙ୍ଗାବତୀର ଫାଷ୍ଟ ଆଡିସନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ସ କୋର୍ଟ ଫେବ୍ରୁଆରୀ ୬ରେ ତିନିଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା । ସେମାନଙ୍କୁ ହତ୍ୟା, ଗଣ ଦୁଷ୍କର୍ମ, ହତ୍ୟା ଉଦ୍ୟମ, ଲୁଟ୍ ଆଦି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଆଜି ତିନିଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଛି ।

# କିଏ ହେବେ ଉତ୍ତର କୋରିଆର ନୂଆ ଏକଛତ୍ରବାଦୀ ? ପିଉସୀ ନା ୧୩ ବର୍ଷର ଝିଆରୀ

ପ୍ୟୋଙ୍ଗୟାଙ୍ଗ: ଉତ୍ତର କୋରିଆରେ କିଏ ହେବେ ନୂଆ ଏକଛତ୍ରବାଦୀ ଶାସକ, ସେ ନେଇ କଳ୍ପନାଜଳ୍ପନା ଜାରି ରହିଛି। ଗୋଟିଏ ପଟେ ଅଛନ୍ତି କିମ୍ ଜୋଙ୍ଗ୍-ଉନ୍‌ଙ୍କ ଭଉଣୀ କିମ୍ ୟୋ-ଜୋଙ୍ଗ୍। ଯାହାଙ୍କୁ ଉତ୍ତର କୋରିଆର ଦ୍ୱିତୀୟ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିତ୍ୱ ବୋଲି ବିବେଚନା କରାଯାଇଥାଏ। ଅନ୍ୟପଟେ ଅଛନ୍ତି କିମ୍ ଜୋଙ୍ଗ-ଉନଙ୍କ ୧୩ ବର୍ଷୀୟା ଝିଅ ଜୁ ଏ-ଇନ୍। ତାଙ୍କୁ ପରବର୍ତ୍ତୀ ଏକଛତ୍ରବାଦୀ ଶାସକ ଭାବେ ବିବେଚନା କରାଯାଉଛି।

ଦକ୍ଷିଣ କୋରିଆର ଗୁପ୍ତଚର ସଂସ୍ଥା କହିଛି ଯେ, କିମ୍ ଜୋଙ୍ଗ୍-ଉନ୍ ତାଙ୍କର ୧୩ ବର୍ଷୀୟ ଝିଅକୁ ନିଜର ଉତ୍ତରାଧିକାରୀ ଭାବରେ ନିଯୁକ୍ତ କରିବାକୁ ପ୍ରସ୍ତୁତ ହେଉଛନ୍ତି। କିମ୍ ଜୁ ଏ ବର୍ଷ ବର୍ଷ ଧରି ତାଙ୍କ ବାପାଙ୍କ ସହିତ ଅନେକ ସାର୍ବଜନୀନ ସାମରିକ କାର୍ଯ୍ୟକ୍ରମ ତଥା ବିଦେଶ ଗସ୍ତରେ ଯାଇଛନ୍ତି। କିମ୍ ଜୋଙ୍ଗ୍ ଉନ୍‌ଙ୍କ ଭଉଣୀ କିମ୍ ୟୋ ଜୋଙ୍ଗ୍‌କୁ ଉତ୍ତର କୋରିଆର ଦ୍ୱିତୀୟ ସବୁଠାରୁ ଶକ୍ତିଶାଳୀ ରାଜନୈତିକ ବ୍ୟକ୍ତିତ୍ୱ ବୋଲି ବିବେଚନା କରାଯାଏ।

ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ୍‌ଙ୍କ ପରିବାର ମଧ୍ୟରେ କ୍ଷମତାକୁ ନେଇ ଉତ୍ତେଜନା ବୃଦ୍ଧି ପାଉପାରେ। ଏହା ରକ୍ତାକ୍ତ ବିବାଦ ପାଲଟିଯିବାର ଭୟ ମଧ୍ୟ ଘନେଇବାରେ ଲାଗିଛି। ଦକ୍ଷିଣ କୋରିଆର ଗୁଇନ୍ଦା ସଂସ୍ଥା କହିଛି, କିମ୍ ଜଙ୍ଗ ଉନ୍ ତାଙ୍କର ଝିଅ କିମ୍ ଜୁ-ଆଏଙ୍କୁ ଦେଶର ପରବର୍ତ୍ତୀ ସର୍ବୋଚ୍ଚ ନେତା ଭାବରେ ନିଯୁକ୍ତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଭବିଷ୍ୟତରେ ଜୁ-ଆଏ ଓ ତାଙ୍କ ଶକ୍ତିଶାଳୀ ପିଉସୀ ୟୋ-ଜୋଙ୍ଗ୍ ?ଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି କରିପାରେ। ଏହି କ୍ଷମତା ସଂଘର୍ଷ ଆଭ୍ୟନ୍ତରୀଣ ପାରିବାରିକ ବିବାଦ ସୃଷ୍ଟି କରିପାରେ।

ଦକ୍ଷିଣ କୋରିଆର ଜାତୀୟ ଗୁପ୍ତଚର ସେବା କହିଛି ୧୩ ବର୍ଷ ବୟସ୍କ କିମ୍ ଜୁଏଙ୍କୁ ଉତ୍ତରାଧିକାରୀ ଘୋଷଣା କରାଯାଇପାରେ । ଚଳିତ ମାସରେ ଉତ୍ତର କୋରିଆର ଏକ ପ୍ରମୁଖ ରାଜନୈତିକ ବୈଠକ ହେବାର ଅଛି। ବୈଠକରେ କିମ୍ ଜୋଙ୍ଗ୍ ଉନ୍ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଗୁପ୍ତଚର ଅଧିକାରୀମାନେ କହିଛନ୍ତି କିମ୍ ଜୁଏ ତାଙ୍କ ପିତାଙ୍କ ସହିତ ୱାର୍କର୍ସ ପାର୍ଟି କଂଗ୍ରେସରେ ହଜାର ହଜାର ପ୍ରତିନିଧିଙ୍କ ସମ୍ମୁଖରେ ଦେଖାଦେବେ। କିମ୍ ଜୁଏ ପ୍ରଥମ ଥର ପାଇଁ ନଭେମ୍ବର ୨୦୨୨ ରେ ଏକ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରକ୍ଷେପଣ ସମୟରେ ସାଧାରଣ ଲୋକଙ୍କ ସମ୍ମୁଖରେ ଦେଖା ଦେଇଥିଲେ। ସେବେଠାରୁ ସେ ତାଙ୍କ ବାପାଙ୍କ ସହିତ ବାରମ୍ବାର ଅସ୍ତ୍ରଶସ୍ତ୍ର ପରୀକ୍ଷଣ, ସାମରିକ ପରେଡ୍ ଓ କାରଖାନା ପରିଦର୍ଶନରେ ଆସିଛନ୍ତି। ଏପରିକି ସେ ଗତ ସେପ୍ଟେମ୍ବରରେ ତାଙ୍କ ବାପାଙ୍କ ସହିତ ଚୀନ୍‌ର ବେଜିଂ



ଯାଇଥିଲେ। ଦକ୍ଷିଣ କୋରିଆର ଅଧିକାରୀମାନେ ପୂର୍ବରୁ ବିଶ୍ୱାସ କରୁଥିଲେ ଯେ, ଉତ୍ତର କୋରିଆର ପୁରୁଷ ପ୍ରାଧାନ୍ୟକୁ ଦୃଷ୍ଟିରେ ରଖି ଜଣେ ମହିଳା ନେତାଙ୍କୁ ସର୍ବୋଚ୍ଚ ନେତା ଭାବରେ ନିଯୁକ୍ତ କରିବା କଷ୍ଟକର। ତଥାପି, କିମ୍ ଜୁଏଙ୍କ ବାରମ୍ବାର ଉପସ୍ଥିତି ଏହି ଧାରଣାକୁ ବଦଳାଇ ଦେଇଛି। କିମ୍ ୟୋ ଜୋଙ୍ଗ୍‌ଙ୍କ ବୟସ ୩୮ ବର୍ଷ ଏବଂ ତାଙ୍କୁ କିମ୍ ଜୋଙ୍ଗ୍ ଉନ୍‌ଙ୍କ ପରେ ଉତ୍ତର କୋରିଆର ଦ୍ୱିତୀୟ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ଭାବରେ ବିବେଚନା କରାଯାଉଥିବାବେଳେ ତାଙ୍କ ପ୍ରତି ରାଜନୈତିକ ଓ ସାମରିକ ପ୍ରତିଷ୍ଠାନ ଉଭୟର ସମର୍ଥନ ରହିଛି। ସେ ଦଳର କେନ୍ଦ୍ରୀୟ କମିଟିରେ ଉଚ୍ଚ ପଦବୀରେ ଅଛନ୍ତି । ସେ ତାଙ୍କ ଭାଇ କିମ୍ ଜୋଙ୍ଗ୍ ଉନ୍‌ଙ୍କ ଉପରେ ପ୍ରଭାବ ପକାଇଛନ୍ତି। ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଦକ୍ଷିଣ କୋରିଆର ପୂର୍ବତନ ବରିଷ୍ଠ ଗୁପ୍ତଚର ଅଧିକାରୀ ରାହ ଜୋଙ୍ଗ-ୟିଲ ଚେତାବନୀ ଦେଇଛନ୍ତି ଯେ, ଉତ୍ତର କୋରିଆରେ କ୍ଷମତା ସଂଘର୍ଷ ହେବାର ସମ୍ଭାବନା ଅଛି। ସେ କହିଛନ୍ତି, ଯଦି କିମ୍ ୟୋ ଜୋଙ୍ଗ୍ ବିଶ୍ୱାସ କରନ୍ତି ଯେ ତାଙ୍କ ପାଖରେ ସୁଯୋଗ ଅଛି, ତେବେ ସେ ଶୀର୍ଷ ପଦବୀ ହାସଲ କରିବେ। ଅଧିକାରୀ ଜଣକ ଯୁକ୍ତି ଦେଇଥିଲେ ଯେ କିମ୍ ୟୋ ଜୋଙ୍ଗଙ୍କ ପାଖରେ ତାଙ୍କର ରାଜନୈତିକ ମହତ୍ୱାକାଂକ୍ଷା ଅନୁସରଣ କରିବାରୁ ପଛକୁ ହଟିବାର କୌଣସି କାରଣ ନାହିଁ। ଏହା ସମୟ ଉପରେ ନିର୍ଭର କରେ, କିନ୍ତୁ ଯଦି କିମ୍ ୟୋ ଜୋଙ୍ଗ୍ ବିଶ୍ୱାସ କରନ୍ତି ଯେ ତାଙ୍କର ଶୀର୍ଷ ନେତା ହେବାର ସୁଯୋଗ ଅଛି, ତେବେ ସେ ଏହି ସୁଯୋଗର ସଦ୍‌ଉପଯୋଗ କରିବେ। ତାଙ୍କ ପାଇଁ, ନିଜର ରାଜନୈତିକ ସ୍ଥିତି କାର୍ଯ୍ୟକାରୀ କରିବାରୁ ନିବୃତ୍ତ ରହିବାର କୌଣସି କାରଣ ନାହିଁ। କିମ୍ ୟୋ ଜୋଙ୍ଗ୍ ଉତ୍ତର କୋରିଆ ଭିତରେ ଏବଂ ବାହାରେ ନିଜ ପାଇଁ ଏକ ଭୟଙ୍କର ବ୍ୟକ୍ତିତ୍ୱ ସୃଷ୍ଟି କରିଛନ୍ତି। ତାଙ୍କର ତୀକ୍ଷ୍ଣ ମନ୍ତବ୍ୟ ପାଇଁ ସେ ଜଣାଶୁଣା, କିମ୍ ୟୋ ଜୋଙ୍ଗ୍ ନିୟମିତ ଭାବରେ ନିଜ ନାମରେ ମନ୍ତବ୍ୟ ଜାରି କରନ୍ତି। ୨୦୨୨ ମସିହାରେ, ସେ ତାଙ୍କର ସବୁଠାରୁ କଠୋର ମନ୍ତବ୍ୟ ଦେଇଥିଲେ। ସେ ଦକ୍ଷିଣ କୋରିଆର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଟାର୍ଗେଟ କରି ତାଙ୍କୁ ଜଣେ ମୂର୍ଖ ଓ ମଇଳା ପରି ବ୍ୟକ୍ତି ବୋଲି କହିଥିଲେ। ସେ ଚେତାବନୀ ଦେଇଥିଲେ ଯେ, ସିଓଲ ସମ୍ପୂର୍ଣ୍ଣ ବିନାଶ ଓ ଧ୍ୱଂସ ହେବା ସହିତ ଦୁଃଖଦ ଭାଗ୍ୟର ସମ୍ମୁଖୀନ ହୋଇପାରେ। ସେ ଆଉ ଏକ ଚେତାବନୀ ଦେଇଥିଲେ, ଯଦି ଦକ୍ଷିଣ କୋରିଆ ବିପର୍ଯ୍ୟୟକୁ ଏଡାଇବାକୁ ଚାହେଁ, ତେବେ ତାକୁ ନିଜକୁ ଶୃଙ୍ଖଳିତ କରିବାକୁ ପଡିବ।

ଉତ୍ତର କୋରିଆ ପୂର୍ବରୁ କିମ୍ ପରିବାର ମଧ୍ୟରେ କ୍ଷମତା ସଂଘର୍ଷରେ ନିଷ୍ଠୁର ରକ୍ତାକ୍ତ ହିଂସା ଦେଖିଛି। ୨୦୧୧ ମସିହାରେ କ୍ଷମତା ଗ୍ରହଣ କରିବା ପରେ, କିମ୍ ଜୋଙ୍ଗ୍ ଉନ୍ ତାଙ୍କ କାକା ଏବଂ ପରାମର୍ଶଦାତା ଜାଙ୍ଗ ସୋଙ୍ଗ-ଥାଏକ୍‌ଙ୍କ ବିରୋଧରେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଦଳ ବିରୋଧୀ, ବିପ୍ଲବୀ ବିରୋଧୀ ଏବଂ ଗୋଷ୍ଠୀଗତ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ୨୦୧୩ ମସିହାରେ ଫାୟାରିଂ ସ୍କ୍ୱାଡ୍ ଦ୍ୱାରା ମୃତ୍ୟୁଦଣ୍ଡ ଦିଆଯାଇଥିଲା।

କିମ୍‌ଙ୍କ ସାବତ ଭାଇ, କିମ୍ ଜୋଙ୍ଗ୍ ନାମ୍, ଯିଏକି ଉତ୍ତର କୋରିଆର ଉତ୍ତରାଧିକାରୀ ଥିଲେ, ତାଙ୍କ ଉପରେ ୨୦୧୭ ମସିହାରେ ମାଲେସିଆର କ୍ୱାଲାଲମ୍ପୁର ଅନ୍ତର୍ଜାତୀୟ ବିମାନବନ୍ଦରରେ ମହିଳାମାନେ ବିଷାକ୍ତ ଭିଏକ୍ସ ନର୍ଭ ଏଜେଣ୍ଟ ସିଞ୍ଚନ କରିବାରୁ ତାଙ୍କର ମଧ୍ୟ ରହସ୍ୟମୟ ମୃତ୍ୟୁ ହୋଇଥିଲା। ଉତ୍ତର କୋରିଆକୁ ବିଶ୍ୱର ସବୁଠାରୁ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ରାଷ୍ଟ୍ର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଇଥାଏ। ଅନୁମାନ କରାଯାଉଛି, ଏହା ପାଖରେ ପ୍ରାୟ ୫୦ଟି ପରମାଣୁ ବୋମା ଏବଂ ୭୦ ରୁ ୯୦ଟି ନିର୍ମାଣ ପାଇଁ ଆବଶ୍ୟକୀୟ ସାମଗ୍ରୀ ରହିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଏହା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣକୁ ବୃଦ୍ଧି କରିଛି।

## ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ : ୭ ମୃତଦେହ ଉଦ୍ଧାର

ରାଜସ୍ଥାନ : ରାଜସ୍ଥାନର ଭିୱାଡିରେ ଏକ ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ। ନିଆଁରେ ସାତ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି ହେଲେ ଦୁଇଜଣ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି । ଘଟଣା ସମୟରେ କାରଖାନାରେ ପ୍ରାୟ ୨୫ ଜଣ ଶ୍ରମିକ କାମ କରୁଥିଲେ । ସୋମବାର ସକାଳ ପ୍ରାୟ ୯:୨୨ ମିନିଟ ସମୟରେ ଖୁଶଖେଡା କରାଉଲି ଶିଳ୍ପାଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା । ତେବେ ଆଗକୁ ମୃତକଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ଏହି କାରଖାନାରେ



ରାସାୟନିକ ପଦାର୍ଥ ସହିତ ଫୋଟକା ମଧ୍ୟ ତିଆରି କରାଯାଉଥିଲା । କାରଖାନା ମାଲିକଙ୍କ ନାମ ରାଜେନ୍ଦ୍ର । ଅନେକ ଲୋକ ପସିଥିବା ଆଶଙ୍କା କରାଯାଉଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । କାରଖାନା ମାଲିକ କହିଛନ୍ତି, ଖୁସଖେଡା ଏବଂ ଭିୱାଡି ଜଓଉଙ୍ଗ ଅଗ୍ନିଶମ କେନ୍ଦ୍ରର ଦମକଳ ଗାଡ଼ିଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚିଥିଲେ । ପ୍ରାୟ ଦେଢ଼ ଘଣ୍ଟା ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା । ଦୁର୍ଘଟଣାରେ ମୃତଦେହ ଗୁଡ଼ିକ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଅଗ୍ନିକାଣ୍ଡ ହେବାର କାରଣ ଏଯାଏଁ ଜଣାପଡିନାହିଁ । ବିସ୍ଫୋରଣକୁ ନେଇ ତଦନ୍ତ ଚାଲିଛି । ପ୍ରଶାସନ ଘଟଣାକୁ ମାଜିଷ୍ଟ୍ରେଟ ଯାଂଚ ପାଇଁ ସଙ୍କେତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଉଦ୍ଧାର କାର୍ଯ୍ୟ ସହତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଈଶ୍ୱରଙ୍କ ଦିଂବଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି ଆଉ ଆହତଙ୍କ ଶୀଘ୍ର ସୁସ୍ଥ କାମନା କରିଛନ୍ତି ।

